Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 53
Sunday, 26 April 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୨୬ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ରାଜ୍ୟର ଅର୍ଥନୀତିରେ ପ୍ରାଣୀସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୪ (ଆ.ପ୍ର) : ପ୍ରାଣୀଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି । ପ୍ରକୃତରେ ସେମାନେ ମହାନ । ଜୀବଜନ୍ତୁମାନଙ୍କ ପାଇଁ ସାକ୍ଷାତ ଭଗବାନ ହେଲେ ଆମ Veterinary Doctor । ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ କୃଷି ପର୍ଯ୍ୟାପ୍ତ ନୁହେଁ । ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ । ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା । ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ପ୍ରାଣୀସମ୍ପଦ, ପ୍ରାଣୀସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ପ୍ରାଣୀସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣୀଚିକିତ୍ସାଳୟର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଲୁଆଙ୍ଗନ କରିଛନ୍ତି । ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ

୨୧୯ଟି ନୂତନ ପ୍ରାଣୀଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲାବ ନିର୍ମାଣ ପାଇଁ ୬ଟି ଚକ୍ଷୁ ସହ ଗଚ୍ଛତ ମଧ୍ୟ ସ୍ୱୀକୃତ ହୋଇଛି । ଏହି ବୁଝାମଣା ପତ୍ରରେ ଜଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଳିକ୍ୟୁଲାର ଲ୍ୟାବୋରେଟୋରୀ ପ୍ରସ୍ତାବ ହେବ । ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ଅବସରରେ ଓପୋଲପେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ରାଜନ ଅଣ୍ଡା ଓ ଦେଶୀ 'ଅସିଲ୍' (Aseel) ବିକେନ୍ଦ୍ରର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ମତ୍ସ୍ୟଜଗତଙ୍କ ଉନ୍ନତି ପାଇଁ ୫୦ କୋଟି ଟଙ୍କା ବ୍ୟୟରେ ଇଚ୍ଛୁକର ଲସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି One Health ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ । ଓଡ଼ିଶା ଜିଡ଼ନ ୨୦୩୬ ଓ ୨୦୪୭ ଅନୁସାରେ ରାନ୍ଧବାକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ । ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ସଂଗମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି । ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ଦ୍ୱାରପାଖାରେ ପହଂଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ 'A-HELP' (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କର୍ମୀମାନେ ଗ୍ରାମାଂଚଳରେ ଟୀକାକରଣ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମ୍ପଦ ପ୍ରାଣିଚିକିତ୍ସକ, ପ୍ରାଣିପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେମାନଙ୍କ ସହିତ କାର୍ଯ୍ୟାଳୟ କରିଥିଲେ ଓ ଓଡ଼ିଶାକୁ ବିକଶିତ ରାଜ୍ୟ ଗଠନରେ ସମୁଚିତ ଭାଗିଦାରି ପାଇଁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣିଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରାଣୀଜଗତକୁ ବ୍ୟାପୁଥିବା ରୋଗକୁ ପ୍ରତିରୋଧ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷା ବ୍ୟବସ୍ଥାଭାବେ ପ୍ରାଣିଚିକିତ୍ସକମାନେ ବେଶୀ ପ୍ରଦାନ କରିଥାନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ଡଃ ଆଶୀଷ ସତିବ ପ୍ରେମ ଚାନ୍ଦ ଚୌଧୁରୀ ଏବଂ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ଡିକ୍ସିତ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ ।

ନିଆଁ ପିଣ୍ଡୁଳାରେ ସିଝୁଛି ସାରା ଓଡ଼ିଶା

ଭୁବନେଶ୍ୱର, ୨୫/୪ (ଆ.ପ୍ର) : ଜଳଚଳ କରୁଛି ଚାଟି, ଓଡ଼ିଶା ପାଲଟିଛି ଅଗ୍ନି ପିଣ୍ଡୁଳା । ଆକାଶରୁ ବର୍ଷୁଛି ନିଆଁ, କେତେ ଆସିବ ମୌସୁମୀ । ଏହି ପ୍ରଚଣ୍ଡ ଚାଟି ମଧ୍ୟରେ ଏବେ ଆସିଛି ଏକ ଆଶ୍ୱସ୍ତିକର ଖବର । ଖୁବଶୀଘ୍ର ଧଳାଶୀତ କରିଗଲୁ ଅସୁଛି ବର୍ଷାରାଣୀ । ଏଥର ନିର୍ଦ୍ଧାରିତ ସମୟ ପୂର୍ବରୁ ରାଜ୍ୟର ଛୁଇଁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଏମିତି ଆକଳନ କରିଛି ୟୁରୋପିଆନ୍ ସେଂଟର ଫର୍ ମିଡିୟମ୍ ରେଞ୍ଜ ଫ୍ରେଡର ପୋରକାଷ୍ଟ-ECMWF । ତେବେ ଭାରତୀୟ ପାଣିପାଗ ବିଭାଗ କୌଣସି ପୂର୍ବାନୁମାନ କରିନି । ଏପରିକି ରାଜ୍ୟରେ ଆସନ୍ତା ୩ ଦିନ ଚାଟିରୁ ନିଷ୍ଠାନ ନାହିଁ ବୋଲି କହିଛି ପାଣିପାଗ ବିଭାଗ । ଆଜି ବି ଝାରସୁଗୁଡ଼ା ୪୪.୧ ଡିଗ୍ରୀ ସହ ରାଜ୍ୟରେ ସବୁଠୁ ତତଲା ସହର ପାଲଟିଛି । ଏପ୍ରିଲରେ ଆକାଶରୁ ନିଆଁ ବର୍ଷୁଛି, ଆଉ ଗୁଳୁଗୁଳିରେ ସବୁଠି ହେଉଛି ଜନଜୀବନ । କେତେ ଆସିବ ବର୍ଷା ? କେବେ ମିଳିବ ପ୍ରଚଣ୍ଡ ଚାଟିରୁ ମୁକ୍ତି ? ଏକାଧି ସମୟରେ ମୌସୁମୀର ସଞ୍ଚାର ପୂର୍ବାନୁମାନ କରି ଦେଶବାସୀଙ୍କୁ ଆଶ୍ୱସ୍ତିକର ଖବର ଦେଇଛି ୟୁରୋପିଆନ୍ ସେଂଟର ଫର୍ ମିଡିୟମ୍ ରେଞ୍ଜ ଫ୍ରେଡର ପୋରକାଷ୍ଟ । ECMWFର ଆକଳନ ଅନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଭାରତରେ ପାଦ ଥାପିପାରେ । ମେ ୨୫ ସୁଦ୍ଧା କେବଳ ଉପକୂଳରେ ପହଂଚିବା ସମ୍ଭାବନା ରହିଛି । ସାଧାରଣତଃ ଜୁନ୍ ୧ରେ ଦକ୍ଷିଣ ଭାରତକୁ ଛୁଇଁଥାଏ ମୌସୁମୀ ବାୟୁ । ଆକଳନ ସତ ହେଲେ ସପ୍ତାହେ ପୂର୍ବରୁ ଆସିବ । ପାଣିପାଗ ବିଜ୍ଞାନୀ ଓ ବିଜିନ୍ନ ପାଣିପାଗ ମଡେଲ୍ ଅନୁଯାୟୀ, ବାୟୁମଣ୍ଡଳୀୟ ପରିବର୍ତ୍ତନ ଓ ସମୁଦ୍ରର ଅନୁକୂଳ ସ୍ଥିତି ଯୋଗୁଁ ପ୍ରକ୍ରିୟା ଶୀଘ୍ର ସକ୍ରିୟ ହେଉଛି । ତେବେ ଭାରତୀୟ ପାଣିପାଗ ବିଭାଗ ବା ଓପନ ମୌସୁମୀ ସଞ୍ଚାର ଆସିବା ନେଇ କୌଣସି ପୂର୍ବାନୁମାନ କରିନି । ପାଣିପାଗ ବିଶେଷଜ୍ଞଙ୍କ ମତରେ, ମେ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀର ପୂର୍ବାନୁମାନ କରିଥାଏ ଓଗଲ । କିନ୍ତୁ ଏତେ ଆଗରୁ କହିବା ସମ୍ଭବ ନୁହେଁ । ଗ୍ଲୋବାଲ୍ ଡାଟା କରିଆରେ ECMWF ମୌସୁମୀର ପୂର୍ବାନୁମାନ କଳପଦ୍ଧତି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି । ଆଣ୍ଠାମାନ ଆସିବା ପରେ ଏହାର ଆକଳନ କରାଯାଇପାରେ । ଏପରେ ତତଲା କବେଇରେ ଭାଙ୍ଗି ହେଉଛି ସାରା ଓଡ଼ିଶା । ଉତ୍ତର ଖରା, ତାପାଙ୍କୁଳ୍ ଚାଟିରେ ଜନଜୀବନ ଟମପୋଟ । ହିଟୱେଭର ହଟ୍ ଷ୍ଟ୍ରଟ୍ ପାଲଟିଛି ପଶ୍ଚିମ ଓଡ଼ିଶା । ସଜାଳ ୯ଟା ବାଜିଲେ ଲାଗୁଛି ସତେ ଯେମିତି ମୁଣ୍ଡ ଉପରେ ପଡୁଛି ନିଆଁ । ପଶ୍ଚିମରେ ଚାଟି ଓ ଉପକୂଳରେ ଗୁଳୁଗୁଳି ଲୋକଙ୍କୁ ଆଣ୍ଡାମାଲ୍ଲା କରୁଛି । ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ଆହୁରି ୩ ଦିନ ଏମିତି ଜଳାଭାବ । ୨୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମଲହରିରୁ ରାହି ମିଳିବନି । ପଶ୍ଚିମ ଓଡ଼ିଶା ବିଲାକୁ ପାରବ ୪୫ ଡିଗ୍ରୀ ରହିପାରେ । ତେବେ ୨୯ ବେଳକୁ ପାରେ ହୋଇପାରେ ପରିବର୍ତ୍ତନ । ଟ୍ରପ୍ ଲାଇନ୍ ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାରେ କାଳବୈଶାଖୀ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଫଳରେ ପ୍ରବଳ ଚାଟିରୁ କିଛିଟା ଆସ୍ୱସ୍ତି ମିଳିପାରେ ।

ଦୁର୍ଦ୍ଦାନ୍ତ ହେମଲା ସହ ୪୭ କ୍ୟାଡର ନକ୍ସଲଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୫/୪ (ଆ.ପ୍ର) : ସରକାରଙ୍କ ଶେଷ ଧାର୍ଯ୍ୟ ସମୟ ମଧ୍ୟରେ ଆତ୍ମସମର୍ପଣ କରିପାରିନଥିବା ନକ୍ସଲ ଏବେ ଧାଲେଧାରେ ଟଂଗାଲୁ ଦାହାରି ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ଆଜି ଦୁର୍ଦ୍ଦାନ୍ତ ମାଓ ନେତା ହେମଲା ଓରଫ ରିଜା ସମେତ ୪୭ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ହାଇଦ୍ରାବାଦ ଠାରେ ଆୟୋଜିତ ଏକ ସ୍ମରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏମାନେ ୩୨ଟି ହତିଆର ହସ୍ତାନ୍ତର କରି ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଥାରେ ସରକାର ୧ କୋଟି ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ଆତ୍ମସମର୍ପଣ କରିଥିବା ନକ୍ସଲମାନେ ହେଲେ ଦଣ୍ଡକାରଣ୍ୟ ସ୍ପେଶାଲ କମିଟିର ସଚିବ ହେମଲା, ଏସିଏମଏସ. ଆନ୍ଦେ, ଓଣ୍ଡେ ଲାମେ, ସୋଡି ଉଜା, ସୋଡି ବସଗୁ, ଉଦମ ବୁଚ୍ଚା, ମାଡକମ ସନି, ଉଇକା ଲାମା, ସୋଡି ସୋମଡି, ମାଡକି କୋଡି, ଉଇକା ସୋନା, ମାଡକା ବୋଡି, ପାଟି ମେମ୍ବର କୁଞ୍ଜମ ଲାମା, ମାଡକା ଆଡିମେ, କୁଞ୍ଜମ ଲାମା, ମାଡକମ ଜଗା, କୋଗସା ମାଙ୍ଗଲି, ଉଇକେ ସୋନଥୁ, ମୁଚାକି ଜଗା, ନୂପା କୋଷା, ଜୁଡେମ ଜୋମା, ମୁଚାକି ଲାମା, ମାଡକମ ବନ୍ଦୁ, ମାଡକା ଜିମେମ, ମାଡକା ଉମେଶ, ମାଡକି ଲାଲେ, ମାଡକି ଲାମା, ମାଡକମ ଇଲୁମେ, ଡିଭିଜନାଲ କମିଟି ମେମ୍ବର ଚାଡିସେ ସୁରେଶ, ସାଲମାମ ବିମମ, ଏସିଏଣ ମାଡକମ ଇଲୁମେ, ପାଟି ମେମ୍ବର ହେମଲା ଲାଲୁ, ଡିଭିସିଏମ ସଦସ୍ୟ ପରିୟମ ଲାଲୁ, ପିପିସିବିଏମ ଡୋଡି ପାଲକୁ, ଆମୁ ଉଇଁ, ନୂପ ସାନା, ମାଡକମ ଜଗା, ସୋଡି ସାମୟା, ମାଡକି ନନ୍ଦ, ମାଡକମ ଲିଙ୍ଗେ, ଡୋଡି ଲାଲେ, ମାଡକି ମାସା, ଚାଟି ଲିମା, ମାଡକି ଅଣ୍ଟିଶେଖ, ଲାଖାମ ଜିମେ, କୁଞ୍ଜମ ସୋନା ଏବଂ ମାଡକି ସାନା ।

ମାତୃଶକ୍ତିର ସମର୍ଥନ ସତ୍ତ୍ୱେ ବିକାଶ ପଥରେ ବାଧା ସୃଷ୍ଟି କରୁଛନ୍ତି ବିରୋଧୀ : ଧର୍ମେନ୍ଦ୍ର ପ୍ରଧାନ

ଦେବଗଡ, ୨୫/୪ (ଆ.ପ୍ର) : ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ସମଗ୍ର ଭାରତବର୍ଷର ମାତୃଶକ୍ତିମାନେ ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାମାନଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି । ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି । ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ଓମ୍ବୁଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଦେବଗଡରେ ୨୮୦ କୋଟି ଟଙ୍କା ବ୍ୟୟ ଅଢେଇରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଯେ ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ପ୍ରାୟ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି । ୯.୨୨ ଏକର ପରିମିତ ଜମିରେ ନିର୍ମିତ ଏହି ବିଦ୍ୟାଳୟରେ ୪୫ଟି କୋଠରୀ ରହିଛି, ଯେଉଁଥିରେ ୨୪ଟି ସ୍ମାର୍ଟ କ୍ଲାସରୁମ୍, ୩ଟି ଅତ୍ୟାଧୁନିକ ବିଜ୍ଞାନାଗାର ଏବଂ ୨ଟି କମ୍ପ୍ୟୁଟର ଲ୍ୟାବ୍ ରହିଛି । ଏହି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପାଇପାରିବେ । ବର୍ତ୍ତମାନ ଶିକ୍ଷା ବର୍ଷରୁ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ 'ଚଳନ ସେବନ' ଆରମ୍ଭ ହେବାକୁ ଯାଇଛି ଏବଂ ଆଗାମୀ ଦିନରେ ଏହା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାର ଯୋଜନା ରହିଛି । ଏଥିସହ ଦେବଗଡ଼

ମହାବିଦ୍ୟାଳୟ ପରିସରରେ 'ସମ୍ମିଶ୍ରିତ ସହଜାଂଚଳ ଛାତ୍ରାବାସ'ର ଉଦଘାଟନ ହୋଇଛି । ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରମାନେ ବିଶେଷ ଭାବରେ ଉପକୃତ ହେବେ । ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଦେବଗଡ଼ର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ଏହି ଅବସରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମହିଳା ସଂରକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାଦ୍ୱାରା ଲୋକସଭା ଓ ବିଧାନସଭାରେ ମାଆମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ପାଇବ, ଯାହା ଓଡ଼ିଶାରେ ଅଧିକରୁ ଅଧିକ ମହିଳା ଜନପ୍ରତିନିଧି ସୃଷ୍ଟି କରିବା ସହ ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସଶକ୍ତ କରିବ । ମାତୃ ଦୁର୍ଗାଙ୍କୁ ଦିଶୟ ଯେ ଅନେକ ବିରୋଧୀ ଦଳ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି । ଆମ ସମ୍ମାନ୍ଧର ମୁଖ୍ୟ ଲକ୍ଷ୍ୟ ହେଉଛି, ଭାରତ ସରକାରଙ୍କ 'ସହଜାରୁ ସମୃଦ୍ଧି' ଯୋଜନା ମାଧ୍ୟମରେ ଦେବଗଡ଼ରୁ ଏକ ଅର୍ଥନୈତିକ ସମୃଦ୍ଧ ଶାଳୀ ଅଂଚଳ ଭାବେ ଗଢ଼ିତୋଳିବା ଏବଂ ଏଠାରେ ବସବାସ କରୁଥିବା ପ୍ରତ୍ୟେକ ଏକ ଲକ୍ଷ ପରିବାରର ଜୀବନଧାରଣର ମାନ ବୃଦ୍ଧି କରିବା । ଏହି ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟ ଚାଷ ଓ କଙ୍ଗଲଜାତ ଦ୍ରବ୍ୟର ସଦୁପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହା ସହିତ ଜଳସେବନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ କ୍ଷେତ୍ରଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରାଯାଉଛି । ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ଏବଂ ସେମାନଙ୍କ ବହୁମୂଲ୍ୟ ପରାମର୍ଶକୁ ଗତି କରି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଲୋକଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ଦେବଗଡ଼ ଜିଲ୍ଲାର ପ୍ରଗତି ଓ ନାଗରିକମାନଙ୍କ କଲ୍ୟାଣ ପାଇଁ ସାମୂହିକ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଂଚାୟତିରାଜ, ଗ୍ରାମୀଣ ଉନ୍ନୟନ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ସ୍ଥାନୀୟ ଦେବଗଡ଼ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫/୪ (ଆ.ପ୍ର) : ରାଜ୍ୟରେ ଥିବା ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ନିଷ୍ପାନ୍ତ ନାହିଁ । ସେମାନେ କେତେ କାମ କରୁଛନ୍ତି, ଚାହାର କଡ଼ା ଗଣ୍ଡା ହିସାବ ନିକାଶ ହେବ । ବିଭାଗୀୟ କର୍ମଚାରୀଙ୍କ କାମ ବାବଦରେ ରିପୋର୍ଟ ଦେବା ପୂର୍ବରୁ ନିଜେ କର୍ମଚାରୀ ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ବା ସେଲ୍ଫ ଆପ୍ରେଜାଲ୍ ରିପୋର୍ଟ ଦାଖଲ କରିବେ । ମେ' ୩୧ ତାରିଖ ସୁଦ୍ଧା ସରକାରୀ କର୍ମଚାରୀମାନଙ୍କୁ ଅନଲାଇନ୍‌ରେ ସେଲ୍ଫ ଆପ୍ରେଜାଲ୍ ରିପୋର୍ଟ ଦାଖଲ କରିବାକୁ ପଡ଼ିବ । ସେହିପରି ଜୁଲାଇ ୩୧ ତାରିଖ ସୁଦ୍ଧା କର୍ମଚାରୀ ଦେଇଥିବା ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ଉପରେ ମନ୍ତବ୍ୟ ଦେବେ ତାଙ୍କର ରିପୋର୍ଟିଂ ଅଥରିଟି । କର୍ମଚାରୀ ଠିକ୍ ଲେଖିଛନ୍ତି କି ନାହିଁ, ସେ ନେଇ ଅନଲାଇ

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୨୬ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ହେରୋଇନ୍ ଜବତ, ଗିରଫ ହେଲେ ନିଶାବେପାରୀ

ଜଗତସିଂହପୁର, ୨୫/୪ (ଆ.ପ୍ର) : ଜଗତସିଂହପୁର ଥାନା ଅନ୍ତର୍ଗତ ଓହକ ଗ୍ରାମରରେ ବଡ ଧରଣର ଡଙ୍ଗର ଜବି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୧୨୧ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଓହକ ଗ୍ରାମର ମିର୍ଜା ଜୁଲଫିକର ବେଗ୍ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ସନ୍ଦିଗ୍ଧରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ରରେଖେଖରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଥାନାର ଉପନିରୀକ୍ଷକ ରାଘାମଣ୍ଡା ଦଳାଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ଦେଇ ଅଭିଯୁକ୍ତଙ୍କୁ ଓହକସ୍ଥିତ କୋର୍ଟ ଷ୍ଟାପ କଲୋନି ନିକଟରେ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ଓହକ ଗ୍ରାମର ସ୍ୱର୍ଗତ ମିର୍ଜା ସିରାଜ ବେଗ୍‌ଙ୍କ ପୁତ୍ର ମିର୍ଜା ଜୁଲଫିକର ବେଗ୍ (୩୨) । ଜବତ ହେରୋଇନ୍‌ର ଆନୁମାନିକ ବଜାରଦରୀ ମୂଲ୍ୟ ପ୍ରାୟ ୧୧,୧୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇବାରୁ ସେବେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ଜିଡାର ବିଭାଗୀୟ ହାଜତ୍ କୁ ପଠାଇଛନ୍ତି । କାର୍ଯ୍ୟନିର୍ବାହ ବ୍ୟବସାୟ ବିରୋଧରେ ଓହକ ରୁ ଅଧିକ ତୀବ୍ରତର କରାଯିବ ସହ ଶୃଙ୍ଖଳାସହନଶୀଳ ନୀତିରେ ଏହି ବ୍ୟବସାୟ ସହିତ ଜଡିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନିତ କରି ଜେଲ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୧୨୧ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଓହକ ଗ୍ରାମର ମିର୍ଜା ଜୁଲଫିକର ବେଗ୍ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ସନ୍ଦିଗ୍ଧରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ରରେଖେଖରେ ସେ ଆଜି ହେରୋଇନ୍ ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୧୨୧ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଓହକ ଗ୍ରାମର ମିର୍ଜା ଜୁଲଫିକର ବେଗ୍ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ସନ୍ଦିଗ୍ଧରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ରରେଖେଖରେ ସେ ଆଜି ହେରୋଇନ୍

ଚିଲିକା ପବନରେ ସାହିତ୍ୟର ସୁଗନ୍ଧ

ଚିଲିକା ରାଜପୁର, ୨୫/୪ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବ୍ରିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଲୁଗାଁ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଜ୍ଞାନ ଓ ସାହିତ୍ୟର ମହାକୁମ୍ଭ ପୁଅମ "ଚିଲିକା ପୁସ୍ତକ ମେଳା"ର ଶୁଭ ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ପୁଅମ ଚିଲିକା ପୁସ୍ତକ ମେଳା ସମ୍ବାଦରେ ଓଡ଼ିଶାର ଆଳନ, ମୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ତଥା ଚିଲିକା ବିଧାୟକ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ଆଜି ଚିଲିକା ପବନରେ ସାହିତ୍ୟର ସୁଗନ୍ଧ ସ୍ପଷ୍ଟ ବାରି ହୋଇ ପଡୁଛି । ପୁସ୍ତକ ମେଳା ହେଉଛି ଜ୍ଞାନର ଏକ ମହାନ ଉତ୍ସବ,ଯେଉଁଠାରେ ବିଭିନ୍ନ ପ୍ରକାରର ବହି ଏକ ସ୍ଥାନରେ ମିଳେ, ଯାହା ମାଧ୍ୟମରେ ପାଠକମାନେ ନୂତନ ଜ୍ଞାନ ଅର୍ଜନ କରନ୍ତି । ଯିଏ ଥରେ ବହି ପଢିବାର ସୁଯୋଗ ପାଏ ଏବଂ ନିଜ ଭିତରେ ବହି ପଢିବାର ଇଚ୍ଛା ଜାଗ୍ରତ କରେ, ସେ ବାସ୍ତବରେ ବହିର ଶିଷ୍ୟରେ ପରିଣତ ହୁଏ । ବହି ସହିତ

ମଣିଷର ସମ୍ପର୍କ ଏକ ଅପୂର୍ବ ନିଶା । ଯଦି ଏହି 'ଆସକ୍ତି' (Addiction) ଆମ ଭିତରେ ସୃଷ୍ଟି ହୁଏ, ତେବେ ତାହା ମଣିଷକୁ ଏକ ପୁସ୍ତକ ମଣିଷ ଭାବେ ଗଢ଼ି ତିଆ କରିବାରେ ସାହାଯ୍ୟ କରେ । 'ଇଙ୍କଡ଼ିଏ ଏବଂ ବହିଡ଼ିଏ' ଉପହାର ଦେବାର ଏକ ନୂତନ ପରମ୍ପରା ସୃଷ୍ଟି କରିବା । ସଭାମଞ୍ଚିରେ ଓ ବିବାହ ଉତ୍ତରରେ ଫୁଲଗୋଡ଼ା ବଦଳରେ ପୁସ୍ତକ ଏବଂ ବୃକ୍ଷତାରା ପ୍ରଦାନ କରିବାର ଅଭ୍ୟାସ ଆରମ୍ଭ କରିବା । ଚିଲିକା ପୁସ୍ତକ ମେଳା କମିଟିର ସଭାପତି ଶରତ ପାଇକରାଙ୍କ ଅନୁଷ୍ଠାନ ଉକ୍ତ ଉଦଘାଟନ ସମାରୋହରେ ପୂର୍ବତନ ସାଂସଦ ତଥା କିଟ କିସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ, ବିଶ୍ୱପୁଲିସ ସମ୍ମାନିତ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶଶାଙ୍କ ଶେଖର ବୃତ୍ତାମଣି,ବାଲୁଗାଁ କଲେଜ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁପୁଣ୍ଡି, ସମାଜସେବୀ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ଗଣସିଂ, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ଚିଲିକା ବ୍ଲକ ଅଧ୍ୟକ୍ଷ ଜ୍ୟୋତ୍ସ୍ନା ବେହେରା, ଘୋଷବେଡ଼ ପୁସ୍ତକ ପଢନ ଓ ପୁସ୍ତକ କ୍ରୟ ଏକ ବିଶିଷ୍ଟ ଜାତିର ଲକ୍ଷ୍ୟ ହୋଇ ବଳୁଛି ପ୍ରଦାନ କରିଥିଲେ । ଏହି ଅବସରରେ ଅଧ୍ୟାପକ ଡକ୍ଟର ଅକ୍ଷୟ କୁମାର ମିଶ୍ରଙ୍କ ରଚିତ ଐତିହାସିକ ତତ୍ତ୍ୱ ଏବଂ ପଦ୍ଧତି ପୁସ୍ତକ ଏବଂ ସବେଶ୍ରୀ ମଦନ ମୋହନ ମହାପାତ୍ରଙ୍କ ସମ୍ପାଦିତ ବାଲଙ୍କଟିଆର ସ୍ମୃତିନ୍ତ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପୁସ୍ତକ ମେଳା କମିଟି ସମ୍ପାଦକ ଡକ୍ଟର ଜୈନେନ୍ଦ୍ର ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିବାବେଳେ ଡକ୍ଟର ମୃତ୍ୟୁଞ୍ଜୟ ରଥ ମଂଚ ସଂଚାଳନ କରିଥିଲେ । ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପୁସ୍ତକ ମେଳାରେ ରାଜ୍ୟର ପ୍ରତିଷ୍ଠିତ ପ୍ରକାଶକ ସଂସ୍ଥାର ୮୦ ଟି ପୁସ୍ତକ ଷ୍ଟଲ ଖୋଲାଯାଇଛି । କାର୍ଯ୍ୟକ୍ରମକୁ ପୁସ୍ତକ ମେଳା କମିଟି ଉପସଭାପତି ଅଧ୍ୟାପକ ସୁବାସ ଚନ୍ଦ୍ର ଶତପଥୀ, ବୀର ମୁକୁନ୍ଦ ଦାସ, ସନ୍ତୋଷ ବଳିୟାରସିଂହ, ସନ୍ତୋଷ ପାଇକରାୟ, ଅମିଲା ବଳିୟାରସିଂହ ପ୍ରମୁଖ ପରିଚାଳନା କରିଥିଲେ ।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ -୨୦୨୬ ଉପଲକ୍ଷେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ

ରାମନାଗୁଡ଼ା, ୨୫/୪ (ଆ.ପ୍ର) : ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ -୨୦୨୬ ପାଳନ ଅବସରରେ ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୁଲୁଣ୍ଡି ଗ୍ରାମ ପଂଚାୟତ ଅଧିନସ୍ଥ ଗୁଲୁଣ୍ଡି ଗ୍ରାମରେ ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ପ୍ରାଣୀ ଚିକିତ୍ସା ଶିବିର ଟି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ମୃତ୍ୟୁଞ୍ଜୟ କୁମାର ପତ୍ରୀଙ୍କ ନିର୍ଦ୍ଦେଶ ଓ ଗୁଣ୍ଡୁପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ଆଲୋକ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ସର୍ବମୋଟ ୪୮ ଗୋଟି ପ୍ରାଣୀ ଚିକିତ୍ସା କରାଯାଇଥିଲା । ତନ୍ମଧ୍ୟରୁ ୧୫ ଗୋଟି କୃମି ଜନିତ,୫ ଗୋଟି ଗର୍ଭ ପରୀକ୍ଷା ଜନିତ ଓ ୨୮ ଗୋଟି ସାଧାରଣ ରୋଗ ଜନିତ ଗାଈ ଓ ଘୋଡ଼ା ମାନଙ୍କର ଚିକିତ୍ସା କରାଯାଇଥିଲା । ଏହି ଶିବିରରେ ରାମନାଗୁଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଡ଼ାକ୍ତର ଅଧିକାରୀ ଡ଼ାକ୍ତର କୃଷ୍ଣାନନ୍ଦ ବେହେରା , ରାମନାଗୁଡ଼ା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ର ଅଧିକାରୀ ଡ଼ାକ୍ତର ପାର୍ଥସାରଥୀ ସ୍ୱାଇଁ ଓ ରାମନାଗୁଡ଼ା ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ଗଣେଶ କେନ୍ଦ୍ରା ଯୋଗଦାନ କରି ପ୍ରାଣୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଉପଯୁକ୍ତ ଔଷଧ ମାନ ମାଗଣାରେ ଲୋକମାନଙ୍କୁ ବିତରଣ କରିଥିଲେ ।ଏଥିରେ ସ୍ଥାନୀୟ ପ୍ରାଣୀ ଧନ ନିରୀକ୍ଷକ ଶ୍ରୀଯୁକ୍ତ ଜେଦାରନାଥ ଗାମାଙ୍ଗୋ ସହଯୋଗ କରିଥିଲେ । ସର୍ବ ଶେଷରେ ଉପସ୍ଥିତ ସମସ୍ତ ବାଷ୍ପୀ ଲାଭ ଓ ଉତ୍ତଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଯାଜପୁରରେ ଜିଲ୍ଲା ସ୍ତରୀୟ ପଂଚାୟତିରାଜ ଦିବସ ପାଳିତ



ଯାଜପୁର, ୨୫/୪ (ଆ.ପ୍ର) : ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସଭାଜନୀ କକ୍ଷରେ ଜିଲ୍ଲା ସ୍ତରୀୟ ପଂଚାୟତିରାଜ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଡିପିସି ମିଶନ ଶକ୍ତି ସୀତାଂଶୁ ସାହୁ, ସହକାରୀ ଯୁବା କମକ ଲୋକନ ରାଜ, ବିଡ଼ିଓ ବୃନ୍ଦାବନ ଢେବେରା ଏବଂ ଅତିରିକ୍ତ ଉନ୍ନୟନ ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ଲେଖିଥିଲେ ଯେ ଗାଁଗୁଡ଼ିକରେ ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଅନ୍ତୋଦୟ ଗୃହ ଯୋଜନା ଜରିଆରେ ତୃଣମୂଳ ସ୍ତରରେ ବିକାଶ ସହ ଏକ ଜନ୍ମନ୍ତ ଗ୍ରାମର ପରିକଳ୍ପନା ସାକାର ହୋଇପାରୁଛି । ବିଜଡ଼ିଡ଼ି ଓଡ଼ିଶା ଗଠନ ଦିଗରେ ପଂଚାୟତିରାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ କହିଥିଲେ । ପଂଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଜନତା ଓ ଜନ ପ୍ରତିନିଧିମାନେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ସହ ଗ୍ରାମାଂଚଳର ସମସ୍ତ ବିକାଶରେ ସାମିଲ ହେବାକୁ ପଢ଼ିକ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ କଲାଜୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଲାସୀ ମାଧ୍ୟମରେ ଯୋଡ଼ି ହୋଇ ଜନପ୍ରତିନିଧି ଓ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ତୋଦୟ ଗୃହ ଯୋଜନାରେ ଯାଜପୁର ଜିଲ୍ଲାର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏଥିସହ ଉଲ୍ଲେଖନୀୟ ସେବା ପାଇଁ ତିନିଜୁ ଗ୍ରାମ ପଂଚାୟତ ସରପଂଚ ଓ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ତିନିଜୁ ବ୍ଲକ ପ୍ରତିନିଧି, ଗ୍ରାମ ପଂଚାୟତର ସରପଂଚ, ପଂଚାୟତର କର୍ମଚାରୀ, ପ୍ରଶାସନର ଅଧିକାରୀ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଯାଜପୁର ସହରାଂଚଳରେ ଗୃହ ଗଣନା ଓ ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ

ଯାଜପୁର, ୨୫/୪ (ଆ.ପ୍ର) : ଜନଗଣନା-୨୦୨୬ ଅନୁସାରେ ଯାଜପୁର ଗାଉନ ସେନସସ୍ ଚାର୍ଜ ଅଧିକରେ ଥିବା ଜିଲ୍ଲାପାଳଙ୍କ ବାସଗୃହ, ଜିଲ୍ଲା ଦୌରା ଜଜ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳଙ୍କ ବାସଗୃହର ଗୃହଗଣନା କାର୍ଯ୍ୟ ଆଜି ଯାଜପୁର ଟାଉନ ସେନସସ୍ ଚାର୍ଜ ଅଫିସର ଶ୍ରୀ ଲକ୍ଷ୍ମୀଧର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନା କାରୀ ଜ୍ୟୋତ୍ସ୍ନା ରାଣୀ ମାରାଣ୍ଡି ଏବଂ ଝୁପରଭାଲଜର ଆଶୁତୋଷ ବାଗ ଙ୍କ ସମେତ ମାଷ୍ଟର ଟ୍ରେନର ହେମନ୍ତ କୁମାର ସାହୁ ଓ ଅମୀୟ କୁମାର ସ୍ୱାଇଁ ପ୍ରମୁଖ ଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିଥିଲେ । ବର୍ତ୍ତମାନ ଟାଉନସେନସସ ଅଧିନରେ ୯୦ ଗୋଟି HLB ରେ ୯୦ ଜଣ ଜନଗଣନାକାରୀ ଓ ୧୫ ଜଣ ସୁପରଭାଇଜର ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହି ଗୃହ ଗଣନା କାର୍ଯ୍ୟ ୧୬.୦୪.୨୦୨୬ ଠାରୁ ୧୫.୦୫.୨୦୨୬ ତିଖ ପର୍ଯ୍ୟନ୍ତ ଚାଲୁ ରହିବ । ବର୍ତ୍ତମାନ ଭାରତ ସରକାର ତଥା ଓଡ଼ିଶା ସରକାରଙ୍କ ଜନଗଣନା ନିର୍ଦ୍ଦେଶାନୁସାରେ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ମତେ ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲ୍ଲାପାଳ, ଯାଜପୁର ଶ୍ରୀ ଅମର କୁମାର ଜର ଏବଂ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧିଷ୍ଠିର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଯାଜପୁର ଜିଲ୍ଲାରେ ଗୃହ ଗଣନା କାର୍ଯ୍ୟ ଚାଲୁ ରହିଛି । ତେଣୁ ଜନ ସାଧାରଣ ମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ଏହି ମହାନ ଗୃହ ଗଣନା କାର୍ଯ୍ୟରେ ସାମିଲ ହୋଇଗଣନାକାରୀ ଏବଂ ସୁପରଭାଇଜର ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହି

ବାଲିଗୁଡ଼ା ବନଖଣ୍ଡରୁ ପ୍ରଥମଥର ପାଇଁ ପୁରୀ ରଥଯାତ୍ରାରେ ରଥ ନିର୍ମାଣ ପାଇଁ କାଠ ଗଲା

ବାଲିଗୁଡ଼ା, ୨୫/୪ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ଜୋଡଗଡ ବନଂଚଳରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ରେ ୩ ରଥ ନିର୍ମାଣ ପାଇଁ ରଥଯାତ୍ରାକୁ ଶୁଭିଚାର ପୁରୀ ପଠାଗଲା । ୪୦ ଫୁଟ ଲମ୍ବ ୩ ଫୁଟ ଗୋଲେଇ ୨୩ଗୋଟି ଦୃଢ ଗଣ୍ଡିକାଠ ଯାହାର ପରିମାଣ ୬୦୦ଘନ୍ଫୁ । ବନବିଭାଗର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆଜି ଏହି କାଠ ବୋଝେଇ ଟ୍ରକଟିକୁ କନ୍ଧମାଳ ଜିଲ୍ଲାପାଳ ଦେବଦୂଷଣ ବାଲିଗୁଡ଼ା ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପୂଜାର୍ଚ୍ଚନା ସହ କାଠଯାଳକୁ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ପତାକା ଦେଖାଇ ଛଡା ଯାଇଛି । । ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ମୁଖ୍ୟପ୍ରଦନ ଗଣ, ଭଗବାନ ପଣ୍ଡା, ଉପଜିଲ୍ଲାପାଳ ପ୍ରଣାବ ବାଗ, ଏସଡିପିଓ ଶୁଭମ ରୋସଲେ ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ସମସ୍ତ ଅୟୋଜନ କରାଯାଇ ଥିବା ବେଳେ ଡିଏଫଓ ଗଜ ଶ୍ୟାମ ମାଝୀ, ରେଞ୍ଜର ଡି.ସୁଦୀଷ, ଫରେଷ୍ଟର ମଧୁ ବୋରା, ସମେତ କ.ନୂପୁରୀ ରେଞ୍ଜର ରମାକାନ୍ତ ଜର୍ଜିନ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତି ରେ ଉକ୍ତ ସ୍ୱାଗତ କରିଥିଲେ । ପ୍ରଥମଥର ପାଇଁ ଲୋଟଗଡ ଜଙ୍ଗଲରୁ ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରାକୁ କାଠ ୨୩ ଖଣ୍ଡ ଗୁ ଉର୍ଦ୍ଧ ଯାଉଥିବାରୁ ବାଲିଗୁଡ଼ା ଅଂଚଳର ଜଗନ୍ନାଥ ପ୍ରେମୀ ଆନନ୍ଦିତ ଥିବା ଦେଖିବାକୁ ମିଳିଥିଲା ।

ତ୍ୟାଗର ଅନ୍ୟନାମ ଶ୍ରୀୟା ମାଆ

ଜଗତସିଂହପୁର, ୨୫/୪ (ଆ.ପ୍ର) : ରାଜାମାନ, ଗଦଣ୍ଡା ଜେଲଁ ପୁରାଣ ବା ଇତିହାସ ର ନୁହେଁ । ରାଜାମାନ କାଳିକୁତ ଅଂଚଳ, ମହାନଦୀ ପଠା ର ଶାନ୍ତ, ତପୋବନ ସଦୃଶ ସ୍ଥାନ ଟିଏ । ଦୀର୍ଘ ୩୫ ବର୍ଷରୁ ଅଧିକ ବର୍ଷ ହେବ ନିଜକୁ ସମର୍ପିତ ଭାବେ ଆଧ୍ୟାତ୍ମିକ ଭାବନାରେ ନିରଳସ ଜୀବନଧାରଣ କରି ଆସୁଛନ୍ତି ଶ୍ରୀୟା ମାଆ । ଗୋ ପାଳନ ଓ ସେବା କୁ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରି ଆତ୍ମ ସନ୍ତୋଷ ପାଇଛନ୍ତି । ୩୫ ବର୍ଷ ପୂର୍ବରୁ କଳିକଗଡ଼ରୁ ବୟାନିଧି ପରମାତ୍ମଂସ ଏହି ଶ୍ରୀକରେ ପଦାର୍ପଣ କରିଥିଲେ । ଶାନ୍ତ, କାନ୍ତ, କମନୀୟ, ମାନୁଷ୍ୟ କର ପରିବେଶ ତଥା ଶ୍ରୀୟା ମାଆଙ୍କ ପବିତ୍ର ଜୀବନଚର୍ଯ୍ୟାରେ ଖୁସି ହୋଇ ମହାନଦୀ ନାମକ ଛୋଟ ଗୋ ମାତା ଟିଏ ପ୍ରଦାନ କରିଥିଲେ । ପଛକୁ ଫେରି ଚାହିଁନାହାନ୍ତି ମାଆ । ଗୁରୁଙ୍କ ଉପଦାରକୁ ଜୀବନର ସର୍ବସ୍ୱ ଭାବେ ଗ୍ରହଣ କରି ଗୋ ସେବାରେ ମନୋନିବେଶ କଲେ ଶ୍ରୀୟା ମାଆ । କାମଧେନୁ ମହାନଦୀ ନିରାଶ କରିନି ମାଆଙ୍କୁ । ଜଣ ମଧ୍ୟରେ ମାଆଙ୍କ ଗୋ ଶାବକ ମହାନଦୀଙ୍କ ଉପସ୍ଥାରେ ୩୦ଟି ଗୋ ମାତାରେ ପରିଣତି ପାଇଛି । ମାଆ ମଧ୍ୟ ଜଣ ମଧ୍ୟରେ ଅତିକ୍ରାନ୍ତ ବୟସରେ ଉପନୀତ । ନିଜ କଥା କରିବାକୁ ତାଙ୍କ ଶରୀର ତାଙ୍କ ସାଥ ଦେଉନାହିଁ । ଗୋ ସେବାରୁ ମନକୁ ବିଚ୍ୟୁତ କରି ପାରୁ ନାହାନ୍ତି ମାଆ । ଆଂଚଳିକ ସ୍ତରରୁ ଗୋ ମାତାଙ୍କ ପୋଷଣ ନିମନ୍ତେ ରିକ୍ସା ବୃତି କରନ୍ତି ମାଆ । ଗୋ ମାତାଙ୍କୁ ଦେଖିଲେ ପେଟ ପୁରି ଯାଏ । ସାଧାରଣ ଠାରୁ ଏମାନେ ଅଲଗା । ସତ ଲାଗେ ଏମାନେ ମହାନଦୀଙ୍କ ବଂଶଧର । ଗୋ ମାତା ମାନଙ୍କୁ କାହାକୁ ଦେଇ ଦେବା, ବିକ୍ରି କରିବା ସମ୍ଭବରେ ନାହାନ୍ତି ମାଆ । କାରଣ କଂସେଇ ଖାନାକୁ ତାଙ୍କର ଭୟ । ଯା ମଧ୍ୟରେ ଅନେକଙ୍କ ଜରିଆରେ ପ୍ରଶାସନ କୁ ଗୋ ଶାଳା ଓ

'ଇନ୍-ଫ୍ରା ବାସ୍ତୁ' ସଂସ୍ଥା ତରଫରୁ ବାଲେଶ୍ୱରରେ ଆୟୋଜିତ ହେଲା ଆଧୁନିକ ବାସ୍ତୁ ପାଠଶାଳା

ବାଲେଶ୍ୱର, ୨୫/୦୪(ଆ.ପ୍ର) : ଇନ୍-ଫ୍ରା ବାସ୍ତୁ' ସଂସ୍ଥା ତରଫରୁ ସ୍ଥାନୀୟ ନୂଆଝାଡି ସ୍ଥିତ ଓଲା ସୋଲୁମ୍ ପରିସରରେ ବେଶ୍ ଉତ୍ସାହ ଓ ଆଗ୍ରହର ସହ ଆଧୁନିକ ବାସ୍ତୁ (ନାନୋ ବାସ୍ତୁ) ପାଠଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ବାସ୍ତୁ ପ୍ରେମୀ ବ୍ୟକ୍ତିଙ୍କ ଉପସ୍ଥିତିରେ ମାଗଣା ଡେମୋ କ୍ଲାସ ଆୟୋଜନ କରାଯାଇଥିଲା । ଇଂଜିନିୟର ପ୍ରଦୀପ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ବାସ୍ତୁକ୍ଲାସରେ ବୈଦିକ ବାସ୍ତୁଶାସ୍ତ୍ର, ଆଧୁନିକ ବାସ୍ତୁ, ନାନୋ ବାସ୍ତୁ ଓ ଏହାର ସାମାଜିକ ଉପାଦେୟତା ବାବଦରେ ଗୁରୁତ୍ୱ ଉତ୍ସାହ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ, ବୈଦିକ ବାସ୍ତୁରେ ଆଜିର ଅତ୍ୟାଧୁନିକ ମେସିନ୍, ଯନ୍ତ୍ରପାତି ଓ କାରିଗରୀ ସରଞ୍ଜାମକୁ ମିଶାଇ ବୈଜ୍ଞାନିକ ଆଧାରରେ ୧୬ ଦିନ ମଧ୍ୟରେ ସାଜସଜ୍ଜା ସହିତ ଘର, କାରଖାନା ଆଦି କ୍ଷେତ୍ରରେ ବିନା ଭଙ୍ଗାଭାଙ୍ଗିରେ ବିଜ୍ଞାନ ଗୁଣରେ ଯନ୍ତ୍ର ସ୍ଥାପନା ଦ୍ୱାରା ଯାବତୀୟ ସମସ୍ୟା ସମାଧାନ ସମ୍ଭବ ହେବ ପାରୁଛି । ଶୂଚନାଯୋଗ୍ୟ ଯେ, ଇଂଜିନିୟର ପଟ୍ଟନାୟକଙ୍କ ଦ୍ୱାରା ଆଜ ନଅଟି ବିଭାଗ ସହ ପ୍ରସ୍ତୁତ ନାନୋ ବାସ୍ତୁ ଭୂତୁରୁ ସ୍ୱାସ୍ଥ୍ୟ, ଶିକ୍ଷା, ସମ୍ପଦ, ସମ୍ପର୍କ, କର୍ମ ଓ ବ୍ୟବସାୟରେ ଉଦ୍ଭୁତ୍ତୁଥିବା ସମସ୍ୟାର ସମାଧାନ ହାଇଁଥିବା ବିଭାଗରେ ମଧ୍ୟ ପଥ ସୁଗମ ହୋଇଛି ବୋଲି ସେ କହିଥିଲେ । ଏଇ ଅବସରରେ ଅନେକ ଶଙ୍କା ଆଶଙ୍କା ଓ ଜିଜ୍ଞାସାକୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଲାଗି ନେଇ ଇଞ୍ଜିନିୟର ପଟ୍ଟନାୟକ ଉପସ୍ଥିତ ଶ୍ରୋତାଙ୍କ ପ୍ରଶ୍ନର ସଠିକ ଜବାବ ଦେଇଥିଲେ ଓ ଏଇ ବାସ୍ତୁ ଶିକ୍ଷା ଦ୍ୱାରା ପରିବାର, ଦଶ ଓ ଦେଶର ପ୍ରଗତି ଦିଗରେ ଆଗେଇ ନେବା ପାଇଁ ସେ ବାଲେଶ୍ୱର ବାସୀଙ୍କୁ ଅନୁରୋଧ କରିଛନ୍ତି । ପ୍ରକାଶ ଥାଉ କି ପ୍ରତି ଦ୍ୱିତୀୟ ଓ ତୃତୁର୍ଥ ଶନିବାର ରବିବାର ଏଇ ଇନ-ଫ୍ରୀ ବାସ୍ତୁ ବାଲେଶ୍ୱର ଶାଖାରେ ପରାମର୍ଶ, ପ୍ରତିକାର ଓ 'ଚମ' ଦ୍ୱାରା ଲୋକଙ୍କୁ ସେବା ଦିଆଯିବ ।

ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ପକ୍ଷରୁ ଲୋକାର୍ପିତ ହେଲା କବି ଭରତ ଦାଶଙ୍କ 'ପ୍ରୀତିଅର୍ଘ୍ୟ' ପୁସ୍ତକ

ବାଲେଶ୍ୱର, ୨୫/୦୪(ଆ.ପ୍ର) : ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଓ ଅନେକ କବିତାଗ୍ରନ୍ଥର ସ୍ରଷ୍ଟା କବି ଭରତ ଚନ୍ଦ୍ର ଦାଶଙ୍କର ଅଷ୍ଟାଦଶତମ ଚରପଦୀ ଗ୍ରନ୍ଥ 'ପ୍ରୀତିଅର୍ଘ୍ୟ' ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ (ଓବିବିଏ) ତରଫରୁ ସ୍ରଷ୍ଟା ପ୍ରେକ୍ଷାଗୃହରେ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବରେ ପୌରୋହିତ୍ୟ କରିଥିଲେ 'ଓବିବିଏ'ର ସଭାପତି ଗୁଲ୍ଲର ଚୌଧୁରୀ ସଚ୍ୟାଳନ କରିଥିଲେ । ସେ ତାଙ୍କ ଅଭିଭାଷଣରେ ଭରତ ବାବୁଙ୍କର କାବ୍ୟଶୈଳୀର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ନିଜତରେ ଦୁର୍ଗଦଶାରେ ଗୋଟିଏ ଗୋଡ଼ ହରାଇଥିବେ ମଧ୍ୟ ଦେହି ଦୁଃଖକୁ ଭୁଲେଇ ନ କରି ସେ କବିତା ରଚନାରେ ମନୋନିବେଶ କରି ଗ୍ରନ୍ଥ ପ୍ରକାଶ କରିଥିବାରୁ ଅନେକଙ୍କର ଆଦର୍ଶ ଓ ପ୍ରଶଂସାର୍ହ ବୋଲି କହିଥିଲେ । ପ୍ରାରମ୍ଭରେ କବି ଦାଶଙ୍କର ଧର୍ମପତ୍ନୀ ଗାୟତ୍ରୀ ଦାଶ ହୃଦୟଙ୍କୁ ହୃଦୀଭୂତ କରୁଥିବା ଏକ ଦୃଶ୍ୟଶ୍ରବ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଓ ଚେମ୍ବୁଣା ସାହିତ୍ୟ ସଂସଦର ସଂପାଦକ ଡକ୍ଟର ଭାସ୍ତରବ ପ୍ରସାଦ ଦାସ ଗ୍ରନ୍ଥଟିକୁ ଲୋକାର୍ପଣ କରି ଗ୍ରନ୍ଥରେ ଥିବା ୧୪୦ଗୋଟି ଜଳପରାଗ ପଦଲାଳିତ୍ୟ ଓ ପାଠକମାନଙ୍କର ଆକର୍ଷଣୀୟ ଲୋକପ୍ରାପ୍ତଥିବା କବିତା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟତମ ଆଲୋଚିକା କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ପ୍ରତୀତା ନନ୍ଦ 'ଦିବ୍ୟ ଚିନ୍ତାମଣି'ରେ ପ୍ରୟୋଗ କରାଯାଇଥିବା ଅଭିନବ୍ୟ ସାମଞ୍ଜସ୍ୟଙ୍କର 'ପ୍ରତିବେଦନ' ସହ ଏକ ତୁଳନାତ୍ମକ ଆଲୋଚନା କରି 'ପ୍ରୀତିଅର୍ଘ୍ୟ'ର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ । କବି ଭରତ ଚନ୍ଦ୍ର ଦାଶ କବିତାଗ୍ରନ୍ଥ ସଂପର୍କରେ କେଶୋଳାସ ବଲ୍ଲଭ ପ୍ରଦାନ କରି ସେ କେତେ ରାଜି ପଡ଼ି ନାହାନ୍ତି, ବରଂ ତାଙ୍କର ଦୁଃଖ କବିତା ରଚନା କରିବାରେ ଏକ ପାଥେୟ ହୋଇ ଛିଡ଼ା ହୋଇଛି ବୋଲି ଆଲୋଚିକା ନନ୍ଦ ପ୍ରକାଶ କରିଥିଲେ । ଶ୍ରୋତାମାନଙ୍କ ମଧ୍ୟରୁ ବ୍ୟାଳରଣ୍ଡିରୁ ନିରଞ୍ଜନ ସାହୁ ଓ କବି ଜ୍ୟୋତ୍ସ୍ନା ରାୟ ଗ୍ରନ୍ଥ ସଂପର୍କରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ସୂଚନା ପ୍ରଦାନ କରିଥିବା ବେଳେ ଯୁଗ୍ମ ସଂପାଦକ କୁମଳନାଥ ପାତ୍ର ଅତିଥିମାନଙ୍କୁ ମଂଚକୁ ଆବାହନ କରିଥିଲେ । ଶେଷରେ ଅନ୍ୟତମ ଯୁଗ୍ମ ସଂପାଦିକା ଶାନ୍ତିଲତା ପଣ୍ଡା କବିତ୍ୱପୂର୍ଣ୍ଣ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ କୁମାର ଗଙ୍ଗାଙ୍କୀ, ହେମେନ୍ଦ୍ର ମହାପାତ୍ର, ତପନ ରାୟ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଦାସ, ଦୀପକ ଦାସ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ତପନ କୁମାର ପଣ୍ଡା, ସ୍ୱାତୀ ମଧୁଲଗ୍ନା ଦାଶ, ସୁଷମା ମହାପାତ୍ର, ଶାନ୍ତି ବିଶି, ସୁନମଣି ଜେନା, ଜୟଶ୍ରୀ ମିଶ୍ର, ଅମୃତଲଗ୍ନା ଦାଶ, ପ୍ରଭାକର ସାହୁ, ଜମିଁନା ନାୟକ, ଗୀତାଞ୍ଜଳି ଶତପଥୀ, କଲ୍ୟାଣୀ ନନ୍ଦ, ବୃଷ୍ଣିଗଣ୍ଡା ପାତ୍ର, ଦେବଶ୍ରୀଷ ସିଂହ, ତ୍ରିନାଥ ନନ୍ଦୀ, ମଧୁସୂଦନ ମାଝୀ, ବେଣୁଧର ସାହୁ, ଭାସ୍କରଚନ୍ଦ୍ର ମିଶ୍ର, ସମରଚଳୁର ରୋଜ, ସୁଶ୍ମା ସାମନ୍ତରାୟ, ବିଦ୍ୟାଧର ସାହୁ ଓ ପ୍ରତାପ କୁମାର ମିଶ୍ର ପ୍ରମୁଖ ବହୁ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଜନ ଜୀବନ ପ୍ରଭାବିତ, ସବୁଠି ପାଣି ପାଇଁ ହାହାକାର

ଖଣ୍ଡପଡା, ୨୫/୦୪(ଆ.ପ୍ର) : ଗତ ୧୫ ଦିନ ଧରି ଖଣ୍ଡପଡ଼ା ଓ ଏହାର ଆଖପାଖ ଅଂଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ସକାଳ ୮ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଗ୍ରୀଷ୍ମର ପ୍ରକୋପ ଜାରି ରହୁଥିବା ବେଳେ ରାତିରେ ଗୁରୁତ୍ୱୁଦି ଅନୁଭୂତ ହେଉଛି । ମୋଟାମୋଟି ଭାବେ ସକାଳ ୧୦ଟା ପରଠାରୁ ରାସ୍ତାଘାଟ ଶୁନଶାନ ହୋଇଯାଉଛି । ଗ୍ରୀଷ୍ମର ପ୍ରକୋପ ସାଙ୍ଗକୁ ପ୍ରତି ମୁହୂର୍ତ୍ତରେ ଘନଘନ ଅଘୋଷିତ ବିଦ୍ୟୁତ କାଟ ଜନ ଜୀବନକୁ ପ୍ରଭାବିତ କରୁଛି । ଚେଣ୍ଡୁ ଅଂଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ଓ ସେହିପରି ଲୁତକ ଜନସ୍ତର ଉତ୍ତେଜନାକର ଭାବେ ହ୍ରାସ ପାଇବାରେ ଲାଗିଥିବା ବେଳେ ଗ୍ରୀଷ୍ମର ପ୍ରକୋପରେ ବିଭିନ୍ନ ସ୍ଥାନରେ ଥିବା ଜଳଉତ୍ସ ଗୁଡିକ ଏବେ ଶୁଖିବାରେ ଲାଗିଛି । ସବୁଠି ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି । ସେହିପରି ସଂରକ୍ଷିତ ଜଙ୍ଗଲ ଜମିରେ ପାଣିର ଅଭାବ ଯୋଗୁଁ ବନ୍ୟଜନ୍ତୁ ଏବେ ଗାଁ ମୁହଁ ହୋଇଥିବା ବିଭିନ୍ନ ଗ୍ରାମବାସୀଙ୍କ ମୃତ୍ୟୁ ଜଣାପଡିଛି । ଏ ଦିଗରେ ବନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ସାମ୍ପ୍ରତିକ ପରିସ୍ଥିତିରେ ଗ୍ରୀଷ୍ମର ପ୍ରକୋପ ଦାଉ ସାଧୁଥିବା ବେଳେ ପ୍ରଶାସନର କାରଣ ସତ୍ତ୍ୱେ ମଧ୍ୟ ଖଣ୍ଡପଡା ଅଂଚଳର ବିଭିନ୍ନ ସ୍ଥାନରେ ମାଳମାଳ ମାଟି ଲଟା ଲାଟି ପୋତା ଚାଲିଛି । ମାଟି ଲଟା ଲାଟି ଯୋଗୁଁ ଜଙ୍ଗଲ ସମ୍ପଦ ଧ୍ୱଂସ ହେବା ସହ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି । ଲଟାଲାଟି ଯୋଗୁଁ ପରିବେଶ ଅଧିକ ଉତପ୍ତ ହେଉଥିବ ବେଳେ ଲଟାଲାଟିରୁ ନିର୍ଗତ ନିଆଁ ଓ ଧୂଆଁର ପ୍ରଭାବ ଯୋଗୁଁ ଅଂଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି । ଖଣ୍ଡପଡା ବଜାରିଲ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଇ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲିଥିବା ମାଟି ଲଟା ଲାଟି ଗୁଡିକ ତୁରନ୍ତ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି ।

ଅନୁଗୋଳ ଜିଲ୍ଲା ପୋଲିସର 'ବଂଟନ ମେଳା'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ, ୨୫/୦୪(ଆ.ପ୍ର) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଅନୁଗୋଳ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ 'ବଂଟନ ମେଳା' କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କ ସେବା ଦିଗରେ ଏକ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସମୟରେ ହଜିଯାଇଥିବା ବା ଚୋରି ହୋଇଥିବା ମୋବାଇଲ ଫୋନ୍ ଏବଂ ଡାଇଲ୍‌ଗୁଡ୍ବିଜ୍ ଲାଭାର କରାଯାଇ ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ସମ୍ମାନର ସହ ଫେରସ୍ତ କରାଯାଇଛି । ଜନସାଧାରଣଙ୍କ ହଜିଯାଇଥିବା ସାମଗ୍ରୀ ଫେରାଇ ଦେବ ମୋମାନଙ୍କ ମୁହଁରେ ହସ ଫୁଟାଇବାରେ ପୋଲିସ ପ୍ରଶାସନର ଏହି ନିଷ୍ଠାପର ଉଦ୍ୟମକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଭୂୟସୀ ପ୍ରଶଂସା କରିଛନ୍ତି । ଏଥିସହ ବରିଷ୍ଠ ନାଗରିକମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯିବା ପୋଲିସର ସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେଶର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣି ପରାଧୀନ ମାନସିକତାରୁ ବାହାରି ଏବେ 'ଭାରତୀୟ ନ୍ୟାୟ ସଂହିତା'ର ସଫଳ କ୍ରିୟାନ୍ୱୟନ କରାଯାଉଛି । ଅନେକ ଦଶକ ପରେ ଭାରତୀୟ ନ୍ୟାୟ ମୂଲ୍ୟବୋଧ ଉପରେ ଆଧାରିତ ଏହି ନୂତନ ଆଇନ ଶାସନକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିପାରିଛି । ଅନୁଗୋଳ ଜିଲ୍ଲା ପୋଲିସ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ନୂତନ ଆଇନ ପ୍ରୟୋଗ ଏବଂ ସାମାଜିକ ଦାୟିତ୍ୱବୋଧର ସମନ୍ୱୟ ରକ୍ଷା କରି ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଛି । ପୋଲିସ ପ୍ରଶାସନର ଏଭଳି ସକାରାତ୍ମକ କାର୍ଯ୍ୟଧାରା ସାଧାରଣ ଜନତାଙ୍କ ମନରେ ସୁରକ୍ଷା ଓ ଭରସାକୁ ଆହୁରି ବୃଦ୍ଧିଭୂତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଅଗସ୍ତି ଦେବେଦାଙ୍କ ସମେତ ଜିଲ୍ଲା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ଜିଲ୍ଲା ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଉତ୍ସବ ପାଳିତ

ବାଲେଶ୍ୱର, ୨୫/୦୪(ଆ.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଠିଥିରେ ଜିଲ୍ଲା ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଉତ୍ସବ ଗାମୋଦରପୁର ସ୍ଥିତ ସମିତିର ପ୍ରତିଷ୍ଠା ଉତ୍ସବ ଦାମୋଦରପୁର ସ୍ଥିତ ସମିତି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଗତ ୧୯୨୧ ମସିହା ପବିତ୍ର ଅକ୍ଷୟ ତୃତୀୟା ଦିନ ଜିଲ୍ଲା ବ୍ରାହ୍ମଣ ସମିତି ପ୍ରତିଷ୍ଠିତ ହୋଇଥିଲା । ସାଧାରଣ ସଂପାଦକ ଗୌରଚନ୍ଦ୍ର ବାଣ ପୂର୍ବାହ୍ନ ୧୦ଘଟିକା ସମୟରେ କାର୍ଯ୍ୟାଳୟ ମୁକାମରେ ଉପସ୍ଥିତ ରହି ସମିତି ସାଜସଜ୍ଜା ଓ ପ୍ରତିଷ୍ଠା କର୍ମର ଆୟୋଜନ କରିବା ପରେ ପଣ୍ଡିତ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ଓ ପ୍ରଶାନ୍ତ କୁମାର ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠା କର୍ମ ବୈଦିକ ରୀତିନୀତି ଅନୁଯାୟୀ ସଂପାଦିତ ହୋଇଥିଲା । ଡ. ଯଦୁନାଥ ମିଶ୍ର ପ୍ରତିଷ୍ଠା ଉତ୍ସବରେ ଆୟୋଜିତ ସଭାରେ ସଭାପତିତ୍ୱ କରିବାବେଳେ ଉପସଭାପତି ଗୌରଶ୍ୟାମ ମିଶ୍ର, ଗୌରାଙ୍ଗ ପାଣିଗ୍ରାହୀ, ବୈଦ୍ୟନାଥ ଆଚାର୍ଯ୍ୟ ମାନବ ଜର ଆଦି କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ବ୍ରାହ୍ମଣମାନେ ଯୋଗଦାନ କରିଥିଲେ । ପରିଶେଷରେ ଉପସ୍ଥିତମାନଙ୍କୁ ଧନ୍ୟବାଦ ଅର୍ପଣ ପରେ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା ।

ଭୋଦର ପ୍ରାଥମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ନୂତନ ମୂର୍ତ୍ତି ଉନ୍ମୋଚିତ

ନିମାପଡା, ୨୫/୦୪(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ନିକଟସ୍ଥ ଭୋଦର ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ନୂତନ ମୂର୍ତ୍ତି ଉନ୍ମୋଚନ ହୋଇଯାଇଛି । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଭକ୍ତ ଶିକ୍ଷା ଅନୁଷ୍ଠାନର ପୁରାତନ ୧୯୬୬ ମସିହାର ଛାତ୍ର ତଥା (ଭାରତୀୟ ରାଜସ୍ୱ ସେବା) ପୂର୍ବତନ ଉପ ଆୟୁକ୍ତ କେନ୍ଦ୍ର ଅବକାରୀ ବିଭାଗର ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ ଯୋଗଦେଇ ଅନୁଷ୍ଠାନିକ ଭାବେ ସ୍ୱାମୀ ବବିବେକାନନ୍ଦଙ୍କ ନୂତନ ମୂର୍ତ୍ତି ଉନ୍ମୋଚନ କରିଥିଲେ । ଏହି ବିଦ୍ୟାଳୟ ପରିସର ମଧ୍ୟରେ ପୂର୍ବରୁ ଆଜିର ଅତିଥିଙ୍କ ନେତୃତ୍ୱରେ ସ୍ଥାପନ କରାଯାଇଥିବା ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ନିମାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଜ୍ଞାନଶ୍ୟାମ ସ୍ୱାଇଁ ଉନ୍ମୋଚନ କରିଥିବା ବେଳେ ଏକ ନୂତନ ବିବେକାନନ୍ଦ ମୂର୍ତ୍ତି ସ୍ଥାପନ କରିବା ପାଇଁ ଶ୍ରୀ ଦଳାଇ ନିଷ୍ପତ୍ତି ନେଇଥିଲେ । ପୂର୍ବରୁ ନିର୍ମାଣ କରାଯାଇଥିବା ସ୍ୱାମୀ ବିବେକାନନ୍ଦ ମୂର୍ତ୍ତି କୁ ଆଜି ସକାଳ ୮ଟାରେ ଉନ୍ମୋଚନ କରାଯାଇଥିଲା । ଏହି ଉନ୍ମୋଚନ କାର୍ଯ୍ୟକ୍ରମ ସମୟରେ ଶିକ୍ଷାଅନୁଷ୍ଠାନର ପ୍ରଧାନ ଶିକ୍ଷକ କୃପସିନ୍ଧୁ ସଂ ସହକାରୀ ଶିକ୍ଷୟିତ୍ରୀ ଦଳଜା ନନ୍ଦିନୀ ସାହୁ, ଶିଶୁ ସେବାକ୍ଷା ରିଙ୍କି ବିଶ୍ୱାଶିଙ୍କ ସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଅରିନ୍ଦାବଦ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ ।

ଭଦ୍ରକରେ ମହିଳା ଆକ୍ରୋଶ ଜନସମାବେଶ ଓ ବିକ୍ଷୋଭ

ଭଦ୍ରକ, ୨୫/୦୪(ଆ.ପ୍ର) : ଭଦ୍ରକ ଜିଲ୍ଲାରେ ମୋଦି ସରକାରଙ୍କ ମହିଳା ବିଲକୁ ସମର୍ଥନ କରି ହଜାର ହଜାର ମହିଳା ଜଂଟ୍ରେଣ୍ଡ, ବିଜେଡି ଏବଂ ଅନ୍ୟ ଆଂଚଳିକ ଦଳର ମହିଳା ବିରୋଧୀ ବିଚାର ବିରୁଦ୍ଧରେ ଆଜି ମହିଳା ଆକ୍ରୋଶ ଜନସମାବେଶ ଓ ବିକ୍ଷୋଭ କାର୍ଯ୍ୟକ୍ରମ ବିଶାଳ ଆକାରରେ ଅନୁଷ୍ଠିତ ହୋଇଯାଇଛି । ନୂଆଦରାର ସ୍ଥିତ ଗାନ୍ଧିପ୍ରତିମା ଠାରୁ ଆରମ୍ଭ ହୋଇ ବ୍ଲକ ଛକ ପର୍ଯ୍ୟନ୍ତ ଏକ ବିଶାଳ ମହିଳା ପଦଯାତ୍ରା ଆୟୋଜିତ ହୋଇଥିଲା । ବ୍ଲକ ସମ୍ମୁଖରେ ଜନ ଆକ୍ରୋଶ ସଭା ସହ ଲୁଶୁପୁରବଳିକା ଦାହ କରାଯାଇଥିଲା । ଏହି ବିକ୍ଷୋଭରେ ଭଦ୍ରକର ସାଂସଦ ଅଭିମନ୍ୟୁ ସେଠି, ଗାଳ୍ପ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର, ଜିଲ୍ଲା ସଭାପତି ଜଗନ୍ନାଥ ପଣ୍ଡା, ପୂର୍ବତନ ପୌରପାଳ ଜଂ ପ୍ରୟାସ କାନ୍ତି ସାମଲ, ବରିଷ୍ଠ ନେତା ସୁଧାଂଶୁ ଶେଖର ମାଲକ, ଅଜୟ ନାୟକ ଉପସ୍ଥିତ ରହି ମହିଳାଙ୍କ ଅଧିକାର ଓ ସମ୍ମାନ ପାଇଁ ସ୍ୱର ଉତୋଳନ କରିଥିଲେ ।

ନୂଆପଡାରେ ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ–୨୦୨୬ ପାଳିତ

ନୂଆପଡା, ୨୫/୦୪(ଆ.ପ୍ର) : ନୂଆପଡ଼ାରେ "ଜାତୀୟ ପଂଚାୟତିରାଜ ଦିବସ–୨୦୨୬" ଜିଲ୍ଲା ସ୍ତରୀୟ ସମାରୋହ ସ୍ଥାନୀୟ ପୋଲିସ ପଡ଼ିଆରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ନୂଆପଡ଼ାର ମାନ୍ୟବର ବିଧାୟକ ଜୟ ଧୋଲକିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁଦାଶ ଚନ୍ଦ୍ର ରଉତ, ଉପ ଜିଲ୍ଲାପାଳ ଶ୍ରୀମତୀ ସୁମୀ ସୋରେନ୍, ନୂଆପଡା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଝଲର) ଅଧ୍ୟକ୍ଷ ହୋମସିଂ ମାଝୀ, ନୂଆପଡା ବ୍ଲକ ଅଧ୍ୟକ୍ଷ ଚାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମାଳକର, ଜିଲ୍ଲା ପରିଷଦ ସଦସ୍ୟା ଅଦନୀ ରାଜନ ଯୋଶୀ, ଖଡିଆର ରୋଡ଼ ଏନଏସି ଅଧ୍ୟକ୍ଷା ରାଜୀ ସୋମିନୀ ଜୈନ, କଳାହାଣ୍ଡି ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲ୍ଲା ପରିଷଦ

ସମ୍ବାଦ
ଆରମ୍ଭ
SEITHO ARAMBHA
ରବିବାର, ୨୬ ଅପ୍ରେଲ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଦିବ୍ୟତା ପ୍ରାପ୍ତି

ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଜାମାନା ବିଷୟରେ ଉପଦେଶ ହେଉ କିମ୍ବା ଗୌତମ ବୁଦ୍ଧଙ୍କ ଜାମାନାର ଦିନାଶରେ ଦୁଃଖର ଦିନାଶ କଥା ହେଉ । ଜାମାନାକୁ ଦିନାଶ କରି ସୁଖରେ ରହିବା କଥା ହେତେ ଲୋକ ଗୁଜଣ କରନ୍ତି ? ଦିନା ଜାମାନା ବାସନାରେ ବଂଚିବା କଷ୍ଟକର । ଅଶିକ୍ଷିତ, ଅଜ୍ଞାନୀ, ଈର୍ଷାକୁ, ଲୋଭୀ, ପରଶ୍ରୀକାତର, ନିନ୍ଦୁକ ଓ ଖଳ ପ୍ରକୃତି ବ୍ୟକ୍ତି ଉପଦେଶପୂର୍ଣ୍ଣ କଥା ଶ୍ରବଣ କଲେ ରାଗିଯାଏ । ତତ୍ୱକଥା ଶ୍ରବଣ ମାତ୍ରରେ ଉତ୍ତାପ ଦେଖିଯାଏ । ସତ୍ୟ ପୁରୁଷଙ୍କୁ ଦେଖିବାମାତ୍ରେ ଈର୍ଷା ପରାୟଣ ହୋଇଉଠେ । ଦେହରେ କମ୍ପନ ସୃଷ୍ଟି ହୁଏ । ମୂର୍ଖ ମଧ୍ୟ ଶତଦର୍ଶୀମାନଙ୍କ ସହ ଯୁକ୍ତି କରିବାପାଇଁ ଆଗେଇ ଆସେ । ଲାଳସା ଓ ଜାମାନାର ବଶବର୍ତ୍ତୀ ହୋଇ ଘୋର ଦୁଃଖ ସାଜନ କରେ । ଜ୍ଞାନୀ ସଜ୍ଜନମାନେ ବହୁ ବିଦ୍ୟାର ଅଧିକାରୀ ହୋଇଥିଲେ ମଧ୍ୟ ଗର୍ବ କରନ୍ତି ନାହିଁ । କିନ୍ତୁ ଅଜ୍ଞାନୀ ସାଧାରଣତ କିଛି ବିଦ୍ୟା ପାଇଗଲେ ଫରପଟ ହୁଏ । ଆଜିକାଲି ଧର୍ମ, ଭକ୍ତ,ସେବା ଏବଂ ପୂଜାଦି ପାଇଁ ମଧ୍ୟ ଲାଗିଛି ବିଣାଡିକା । ଏ ଠାକୁର ଭଲ ନୁହେଁ, ସେ ଠାକୁର ଭଲ । ଏ ଗୁରୁ ଭଲ ନୁହେଁ ସେ ଗୁରୁ ଭଲ । କିଏ ବ୍ରହ୍ମଜ୍ଞାନକୁ ଆସିଯାଇଛନ୍ତି ତ କିଏ ସ୍ୱୟଂ ବିଷ୍ଣୁ ଅବତାର ହୋଇପଡିଛନ୍ତି । ସମସ୍ତେ ତ ମୁଖରେ ରାମ ନାମ ଜଜାରଣ କରନ୍ତି, ମାତ୍ର ବର୍ଣ୍ଣ ଛାଡିଯାଇ ଦାନ କରି ଯଦି ଥରେ ରାମ ନାମ ଉଚ୍ଚାରଣ କରାଯାଇଥାନ୍ତା, ତେବେ କୋଟି ଯଜ୍ଞର ଫଳ ମିଳିପାରନ୍ତା । କାମନା ଶାଶ୍ୱତ ତ ପରିବ୍ର ହେବା କଥା । କାମନା ଭିତରେ ପ୍ରାପ୍ତିକୁ ଗୌଣ ସ୍ଥାନରେ ରଖିବା । ଜୀବରେ କାମନା ଉଚିତ । କିନ୍ତୁ କାମନାକୁ କରାୟତ କରି ଜୀବନ ଗତିପଥ ଆଗେଇବା ।ଜୀବନରେ ଅନେକ କାମନା ବାସନା । ସତେମାନେହୁଏ କାମନାର ଜୀବନ । ଯାହା ସବୁ କାମନା କରାଯାଏ ନପାଇଲେ ଆମେ ଜାଗପିପଡିଥାଉ । ଦୁଃଖ ଶୋକରେ ବୁଡି ଯାଉ । ଜୀବନକୁ ତୁଚ୍ଛ ମଣିଥାଉ । ଅନ୍ୟ ମାନଙ୍କର ଉନ୍ନତିକୁ ଦେଖି ସେଇପରି ହେବା ପାଇଁ ବ୍ୟଗ୍ର ହେଉ । କିନ୍ତୁ ସେମାନେ କେମିତି ଉନ୍ନତି କରିଛନ୍ତି । କେତେ ପରିଶ୍ରମ କରିଛନ୍ତି । କେତେ ତ୍ୟାଗ କରିଛନ୍ତି । କେତେ କଷ୍ଟ ସ୍ୱୀକାର କରିଛନ୍ତି । ସେହିବିଷୟରେ ଜାଣିବା ପାଇଁ ଆଦୌ ଆଗ୍ରହ ପ୍ରକାଶ ନକରି ଆଗକୁ ବଢିବା ପାଇଁ ଚେଷ୍ଟା କରିଥାଉ । କାମନା ପଛରେ ମଣିଷର ଜୀବନ । କାମନା ଅଛିତ ମଣିଷ ଅଛି । ବୟସ ବଢିବା ସହ କାମନା ଗତି ମଧ୍ୟ ବଢିଥାଏ । କାମନା ପ୍ରାପ୍ତି ରେ ମଣିଷ ଘାଂଟି ଚକଟି ହେଇଯାଇ ବାଷ୍ପବତାକୁ ଲୁଚିଯାଏ । ମଣିଷ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିପରି ହେବା ଉଚା ଆମ ନୀତିଶାସ୍ତ୍ର, ମହାପୁରୁଷ ତଥା ଆମ ପୂର୍ବସୁରୀ ମାନେ ନିର୍ଦ୍ଧାରଣ କରିଛନ୍ତି । ଆମକୁ ସେହି ପଥରେ ଚାଲିବାକୁ ପଡିବ । କିନ୍ତୁ ଆଜିକାଲି କାମନା ଶ୍ରୀଠରେ ବନ୍ଧା ପଡିଛି । ପରୋପକାର, ସେବା, ତ୍ୟାଗ ପରି ମହନୀୟ ବିଷୟବସ୍ତୁକୁ ନିଜର କରିବା ପାଇଁ କାମନା ଭିତରେ ନାହିଁ । କିଛି କରିବା ଓ କହିବା ପୂର୍ବରୁ ନିଜର କାମନା ପୂରଣ କେମିତି ହେବ ତାକୁ ଧ୍ୟାନ ଦେଇ ଉପସ୍ଥାପନ କରିଥାଏ । ସେଥିପାଇଁ ଆଜିର ବିଜ୍ଞାପନ ଯୁଗକୁ ନିଆଯାଇପାରେ । ଆଜିର ସମୟରେ ନିଜକୁ ହିଁ ବିଜ୍ଞାପିତ ହେବାକୁ ପଡୁଛି । ଯିଏ ଯେତେ ବିଜ୍ଞାପନର କୌଶଳ ଅବଲମ୍ବନ କରୁଛି ସେ ସେତେ ନାମୀ ଦାମୀ । ଗାମିମା ହାଣ୍ଡିଶାନରେ । କିନ୍ତୁ ଗୁଣୀମାନେ ହିଁ ଏହିପରି ଗୁଣକୁ ପରଖି ଥାନ୍ତି । ଏମାନଙ୍କ ସଂଖ୍ୟା ସ୍ୱଳ୍ପ । ଗୁଣଗ୍ରାହୀ ଅଳ୍ପ ସଂଖ୍ୟାରେ ଥିବା ଯୋଗୁଁ ପ୍ରକୃତ କର୍ମଯୋଗୀଙ୍କ ପରିଚୟ ଲୁଚି ଯାଉଛି । ସେମାନଙ୍କ ଜାମାନା ଅନ୍ୟମାନଙ୍କ ଆଦର୍ଶ ହେଇପାରୁ ନାହିଁ । ତେଣୁ ମଣିଷ ଜୀବନରେ ଅନେକ ଜାମାନା । ଜାମାନା ପ୍ରାପ୍ତି ପଛରେ ଗୋଡେଇ ଗୋଡେଇ ଅନେକ ଦୁଃଖ କୁ ଡେକୁଛି । ଯଥାର୍ଥ ଜୀବନ ଜଂଚିବାରେ ଅସମର୍ଥ ହେଉଛି । ଜାମାନା ରହିତ ଜୀବନ ଜଂଚିବାରେ ଯେତେ କଷ୍ଟ ଜାମାନାକୁ ପ୍ରାପ୍ତି କରିବାରେ କମ କଷ୍ଟ ନୁହେଁ । ଏଣୁ ଆମର ମାର୍ଗ ଦର୍ଶନ କରିଥିବା ବୁଦ୍ଧା ମାନଙ୍କର କଥନକୁ ଜୀବନରେ ଅବଲମ୍ବନ କରିବା । କାମନାକୁ କମେଇ ଦେବା । ଭଲରେ ରହିବା । କାମନାର ଗତିପଥରେ ସକାରାତ୍ମକ ଚିନ୍ତନକୁ ସ୍ଥାନିତ କରିବା । କାମନା ପଛରେ ପଡି ଜୀବନକୁ ପଷ୍ଠଣ ନକରି କାମନାର ଜୀବନକୁ ସରଳ ଓ ସହଜ କରିବା । ଏହିପରି କାମନାକୁ କୌଶଳ ସହ କରାୟତ କରି ପାରିଲେ ମଣିଷ ବୁଦ୍ଧାରୁ ଦିବ୍ୟତା ପ୍ରାପ୍ତି ହୋଇଥାଏ ।

ବିଭକ୍ତ ବିଶ୍ୱକୁ ଏକତା ଓ ଶାନ୍ତିର ସନ୍ଦେଶ ଦେଉଥିବା ମୁସଲମାନ ସମାଜ

॥ ଇନସା ୱାରସୀ ॥

ଯେତେବେଳେ ସମାଜ ସନ୍ଦେହ, ଭୁଲ ସୂଚନା ଏବଂ ଶତ୍ରୁତା ଦ୍ୱାରା କ୍ରମଶଃ ଗାଢ଼ି ପଡ଼େ, ସେତେବେଳେ ଶାନ୍ତି ବଜାୟ ରଖିବା ପାଇଁ ସମ୍ପୃକ୍ତାୟଗୁଡ଼ିକର ଦାୟିତ୍ୱ ଅତ୍ୟନ୍ତ ଜରୁରୀ ହୋଇପଡ଼େ । ମୁସଲମାନମାନଙ୍କର ପାଇଁ ଏହା କେବଳ ଏକ ସାମାଜିକ ଦାୟିତ୍ୱ ନୁହେଁ, ବରଂ ଗଭୀର ଆଧ୍ୟାତ୍ମିକ ଚିନ୍ତାଧାରା । ଇସଲାମ ସହିତ ଜଡ଼ିତ ମୂଳ ଶବ୍ଦ 'ସଲାମ (ଶାନ୍ତି)' ଏହାର ଅନୁଗାମୀମାନଙ୍କୁ ବ୍ୟକ୍ତିଗତ ଏବଂ ସାର୍ବଜନୀନ ଜୀବନରେ ଦୟା, ଧୈର୍ଯ୍ୟ ଏବଂ ସମନ୍ୱୟକୁ ଅବଚାରଣା କରିବାକୁ ଆହ୍ୱାନ କରେ । ତଥାପି ଆଧୁନିକ ଆଲୋଚନାର କୋଳାହଳରେ ଏହି ଅତ୍ୟାବଶ୍ୟକୀୟ ବାର୍ତ୍ତା ପ୍ରାୟତଃ କ୍ରୋଧ, ପ୍ରତିକ୍ରିୟା ଏବଂ ଉତ୍ତେଜନା ଦ୍ୱାରା ଆଚ୍ଛାଦିତ ହୋଇଯାଏ ।

ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଇସଲାମର ମୂଳ ଶିକ୍ଷା, କୁରାନ ଏବଂ ସୁନ୍ନତ୍‌ର ଘେରିବା ଅତ୍ୟନ୍ତ ଜରୁରୀ ହୋଇପଡ଼େ; ଯାହା ନିଜସ୍ତର ଭାବରେ ବିବାଦ ଉପରେ ଶାନ୍ତି, ମତଭେଦ ଉପରେ ମର୍ଯ୍ୟାଦା ଏବଂ ଗୁଜବ ଉପରେ ସତ୍ୟକୁ ଗୁରୁତ୍ୱ ଦିଏ । କୁରାନ କ୍ଷମା ଭାବରେ ଶାନ୍ତିକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଥାଏ । ଆଲ୍ଲା କୁହନ୍ତି, 'ଏବଂ ପରମ ଦୟାଳୁଙ୍କ ଦାସମାନେ ହେଉଛନ୍ତି ସେମାନେ ଯେଉଁମାନେ ପୃଥିବୀରେ ନମ୍ର ଭାବରେ ଚାଲିଥାନ୍ତି, ଏବଂ ଯେତେବେଳେ ଅଜ୍ଞମାନେ ସେମାନଙ୍କୁ କଠୋର ଭାବରେ ସମ୍ବୋଧନ କରନ୍ତି, ସେମାନେ ଶାନ୍ତିର କଥା କୁହନ୍ତି' (ସୁରା ଅଲ-ଫୁରକାନ ୨୫:୬୩) । ଏହି ପଦ କେବଳ ଏକ ଆଧ୍ୟାତ୍ମିକ ଆଦର୍ଶ ନୁହେଁ; ଏକ ସାମାଜିକ ନିର୍ଦ୍ଦେଶ ମଧ୍ୟରେ । ଏହା ମୁସଲମାନମାନଙ୍କୁ ଅସମନ୍ତୋଷର କଳାକ ପ୍ରତିଶୋଧ ଦ୍ୱାରା ନୁହେଁ, ବରଂ ଶାନ୍ତ ଏବଂ ମର୍ଯ୍ୟାଦା ସହିତ ଦେବାକୁ ନିର୍ଦ୍ଦେଶ ଦିଏ । କ୍ଷଣିକ ପ୍ରତିକ୍ରିୟା ଦ୍ୱାରା ପରିଚାଳିତ ଏକ ବିଶ୍ୱରେ, ବିଶେଷକରି ସାମାଜିକ ରାଣମାଧ୍ୟମରେ ଏହି ଶିକ୍ଷା କ୍ରାନ୍ତିକାରୀ ଅଟେ । ଏହା ଉତ୍ତେଜନା ଥିବା ସ୍ଥାନରେ ସଂଯମତା ଏବଂ ବିଚାରଶୀଳ ଥିବା ଜାଗାରେ ଦିଶ୍ଚତା ର ବ୍ୟବହାରକୁ ଉତ୍ସାହିତ କରେ ।

ଗୁଜବ ଏବଂ ଅପ୍ରମାଣିତ ସୂଚନାର ପ୍ରସାର ଆଜ ଏକ ବଡ଼ଭୟ ?ବା ଚିନ୍ତାର ବିଷୟ । କୁରାନ୍ ଚେତାବନୀ ଦେଇଛି: 'ହେ ବିଶ୍ୱାସୀଗଣ ! ଯଦି କୌଣସି ଦୁଷ୍ଟ ବ୍ୟକ୍ତି ତୁମ ପାଖକୁ ଖବର ଆଣି ଆସେ, ତେବେ ତାକୁ ଯାଂଚ କର, ନଚେତ୍ ତୁମେ ଅଜ୍ଞତାରେ ଲୋକମାନଙ୍କୁ କ୍ଷତି ପହଂଚାଇବ ଏବଂ ପରେ ତୁମେ ଯାହା କରିଛ ସେଥିପାଇଁ ଅନୁତାପ କରିବ' (ସୁରା ଅଲ-ହୁଜୁରାତ ୪୯:୬) । ଏହି ପବିତ୍ର ଯାଂଚ ବିନା ବାର୍ତ୍ତା ଫରୱାର୍ଡ କରିବାର ଆଧୁନିକ ସଂସ୍କୃତିକୁ ସିଧାସଳଖ ସମ୍ବୋଧିତ କରେ ଓ ଗୋଟିଏ ଗୁଜବ ପ୍ରତିଷ୍ଠା ନଷ୍ଟ କରିପାରେ, ହିଂସାକୁ ବଢ଼ାଇ ଦେଇପାରେ ଏବଂ ବିଚାରକୁ ଗରୀବ କରିପାରେ । ଇସଲାମ ଏପରି ଅବହେଳାକୁ ଅନୁମତି ଦିଏ ନାହିଁ; ଏହା ପ୍ରତିକ୍ରିୟା ଦେବା ପୂର୍ବରୁ ସତ୍ୟ ଖୋଜିବା ପାଇଁ ପ୍ରତ୍ୟେକ ବିଶ୍ୱାସୀଙ୍କ ଉପରେ ଏକ ନୈତିକ କର୍ତ୍ତବ୍ୟ ରଖୁଛି ।

ପ୍ରସଙ୍ଗରେ ମହମ୍ମଦଙ୍କ ସୁନ୍ନତ ଏହି ନୀତିକୁ ଆହୁରି ଦୃଢ଼ କରେ । ସେ କହିଛନ୍ତି: 'ମୁସଲମାନ ସେହି ବ୍ୟକ୍ତି ଯାହାର ଜିହ୍ୱା ଏବଂ ହାତରୁ ଲୋକମାନେ ସୁରକ୍ଷିତ' (ସହି ଅଲ-ବୁଖାରୀ ୧୦) । ଏହି ହଦିସ କେବଳ ଚାରିତ୍ରିକ ଦ୍ୱାରା ନୁହେଁ, ବରଂ ଅନ୍ୟମାନଙ୍କ ଉପରେ ସେମାନଙ୍କର ପ୍ରଭାବ ଦ୍ୱାରା ଜଣେ ମୁସଲମାନଙ୍କୁ ପରିଭାଷିତ କରେ । ଯଦି ଜଣଙ୍କ କଥା ଶୁଣା ପ୍ରସାର କରେ କିମ୍ବା ସେମାନଙ୍କର କାର୍ଯ୍ୟରେ ଅଶାନ୍ତି ସୃଷ୍ଟି କରେ, ତେବେ ଏହା ଜଣେ ବିଶ୍ୱାସୀର ପରିଚୟକୁ ବିରୋଧ କରେ । ପ୍ରସଙ୍ଗରେ, ମଜ୍ଜାରେ କଠୋର ନିର୍ଯାତନାର ସମ୍ମୁଖୀନ ହେବା ସତ୍ତ୍ୱେ, ଧୈର୍ଯ୍ୟ ଏବଂ କ୍ଷମା ସହିତ ପ୍ରତିକ୍ରିୟା ଦେଇଥିଲେ । ତାଙ୍କ ଜୀବନ ଏକ ପ୍ରମାଣ ଭାବରେ ଠିଆ ହୋଇଛି ଯେ ଶକ୍ତି ଆଚ୍ଛାଦନରେ ନୁହେଁ, ବରଂ ଆତ୍ମ-ସଂଯମ ଏବଂ କରୁଣାରେ ଅଛି ।ଆଜ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାରେ କୁହାଯାଇଛି ଯେ 'ନିଜ ବୁଦ୍ଧି ବିନା ଚାଲନ୍ତୁ ନାହିଁ, ଯେ ଅନ୍ୟମାନେ ଆମ ସହିତ ଭଲ ବ୍ୟବହାର କରନ୍ତି, ଆମେ ସେମାନଙ୍କ ସହିତ ଭଲ ବ୍ୟବହାର କରିବୁ, ଏବଂ ଯଦି ସେମାନେ ଭୁଲ କରନ୍ତି, ତେବେ ଆମେ ଭୁଲ କରିବୁ । ବରଂ, ଲୋକମାନେ ଭଲ କଲେ ଭଲ କରିବାକୁ ଏବଂ ଯଦି ସେମାନେ ମନ୍ଦ କରନ୍ତି, ତେବେ ଭୁଲ ନ କରିବାକୁ ନିଜକୁ ଅଭ୍ୟସ୍ତ କର' (ତିର୍ମିଧି ୨୦୦୭) । ଏହା ନୈତିକ ସ୍ୱାଧୀନତା ପାଇଁ ଏକ ଆହ୍ୱାନ । ମୁସଲମାନମାନେ ସେମାନଙ୍କ ଚାରିପାଖରେ ନକାରାତ୍ମକତାକୁ ପ୍ରତିଫଳିତ କରିବା ପାଇଁ ନୁହେଁ ବରଂ ଏହାଠାରୁ ଉପରକୁ ଉଠିବା ପାଇଁ ଚେଷ୍ଟା କରନ୍ତି । ସାମ୍ପ୍ରଦାୟିକ ଉତ୍ତେଜନା କିମ୍ବା ରାଜନୈତିକ ଉତ୍ତେଜନା ସମୟରେ ଏହି ନୀତି ବିଶେଷ ଭାବରେ ପ୍ରାସଙ୍ଗିକ ହୋଇଯାଏ । ଆଚରଣଗତ ଭାବରେ ପ୍ରତିକ୍ରିୟା କରିବା କେବଳ ସଂଘର୍ଷର ବଢ଼ୁଛି ଲକ୍ଷନ ପ୍ରଦାନ କରେ, ଯେତେବେଳେକି ଧୈର୍ଯ୍ୟ ସେମାନଙ୍କୁ ରାଜିପାରେ ।

ଏହା ବ୍ୟତୀତ, ଇସଲାମ ଏକତା ଏବଂ ମିଳନକୁ ଖୁବ୍ ବେଶୀ ମୂଲ୍ୟ ଦିଏ । କୁରାନରେ କୁହାଯାଇଛି: 'ବିଶ୍ୱାସୀମାନେ କେବଳ ଭାଇ, ତେଣୁ ନିଜ ଭାଇମାନଙ୍କ ମଧ୍ୟରେ ସମାଧାନ କର ଏବଂ ଆଲ୍ଲାଙ୍କୁ ଭୟ କର ଯେପରି ତୁମେମାନେ ଦୟା ପାଇବ' (ସୁରା ଅଲ-ହୁଜୁରାତ ୪୯:୧୦) ଓ ଏହି ପଦ ଆଲ୍ଲଙ୍କରାଣ ଏକତାପାଗୁ ଅଧିକ ବିଶ୍ୱାସିତ, ଏହା ମୁସଲମାନମାନଙ୍କୁ ସମାଜରେ ସେତୁ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରେ, ପ୍ରତିବନ୍ଧକ ଭାବରେ ନୁହେଁ । ପରୋପକାର, କର୍ମକ୍ଷେତ୍ର କିମ୍ବା ସାର୍ବଜନୀନ ସ୍ଥାନରେ ହେଉ, ମୁସଲମାନମାନଙ୍କୁ ବୁଝାମଣା ବୃଦ୍ଧି କରିବା ଏବଂ ମତଭେଦ ହ୍ରାସ କରିବା ପାଇଁ ଆହ୍ୱାନ କରାଯାଇଛି ।

ଭୟ ଏବଂ ବିଭାଜନ ଦ୍ୱାରା କାହାଣୀଗୁଡ଼ିକ ରୂପ ନେଉଥିବା ସମୟରେ ମୁସଲମାନମାନଙ୍କୁ ଶାନ୍ତିର ଦୂତ ଭାବରେ ସେମାନଙ୍କର ଭୂମିକାକୁ ସଚେତନ ଭାବରେ ପୁନର୍ବାର ଗ୍ରହଣ କରିବାକୁ ପଡିବ । ଏହା ଅନ୍ୟାୟ ସମ୍ମୁଖରେ ନିଷ୍କ୍ରିୟତା କିମ୍ବା ନୀରବତା ବିଷୟରେ ନୁହେଁ, ବରଂ ଭାବପ୍ରବଣ ପ୍ରତିକ୍ରିୟା ଅପେକ୍ଷା ନୀତିଗତ ପ୍ରତିକ୍ରିୟା ରାଖିବା ବିଷୟରେ । ଏହାର ଅର୍ଥ ହେଉଛି ଲୋକଙ୍କୁ କାର୍ଯ୍ୟକୁ ନିୟନ୍ତ୍ରଣ କରିବାକୁ ଦିଅ ନାହିଁ, ବରଂ ଆତ୍ମଚିନ୍ତା ଆଚରଣକୁ ମାର୍ଗଦର୍ଶନ କରିବାକୁ ଦିଅ ।

ଗୁଜବକୁ ଏଡାଇବା, ବୃଦ୍ଧାକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଉତ୍ତେଜନାକୁ ପ୍ରତିରୋଧ କରିବା ଦୁର୍ବଳତାର ଲକ୍ଷଣ ନୁହେଁ; ଏଗୁଡ଼ିକୁ ଇସଲାମିକ ଶିକ୍ଷାରେ ଗଭୀର ଗୁରୁତ୍ୱ ଦିଆଯାଇଛି । ଦୟା ସହିତ କୁହାଯାଇଛି ?ବା ପ୍ରତ୍ୟେକ ଶବ୍ଦ, ପ୍ରଶାନ୍ତିର ଦେବା ପୂର୍ବରୁ ବନ୍ଦ ହୋଇଥିବା ପ୍ରତ୍ୟେକ ଗୁଜବ ଏବଂ ଭ୍ରୋଧର ସାମ୍ନାରେ ଧୈର୍ଯ୍ୟର ପ୍ରତ୍ୟେକ ମୁହୂର୍ତ୍ତ ଏକ ଅଧିକ ସୁସଙ୍ଗତ ସମାଜ ଗଠନରେ ସହାୟ ହୁଏ ।

ବିଶ୍ୱକୁ ଆଜ ବୃଦ୍ଧର ସ୍ୱର ଅପେକ୍ଷା କରିଛି । ଏହାକୁ ସୁପ୍ତ କରୁଥିବା ହୃଦୟ, ଏକତ୍ରିତ କରୁଥିବା ଶବ୍ଦ ଏବଂ ପ୍ରେରଣା ଦେଉଥିବା କାର୍ଯ୍ୟ ଆବଶ୍ୟକ । ଅଧିକନ୍ତୁ, ମୁସଲମାନମାନଙ୍କ ପାଇଁ, ଏହା ହିଁ ପଥ; ସେମାନଙ୍କର ବିଶ୍ୱାସ ସେମାନଙ୍କୁ ସର୍ବଦା ଏହା ଦେଖାଇଛି । ଆଜିର ହିଂସା ଓ ବିଦ୍ୱେଷଗ୍ରସ୍ତ ବିଶ୍ୱ ପରିବେଶରେ ଧୈର୍ଯ୍ୟ ଓ ଶାନ୍ତିର ପଥକୁ ଅନୁସରଣ କରିବା ସମସ୍ତ ସମାଜ ପାଇଁ ଏକାନ୍ତ ଆବଶ୍ୟକ ।

ପ୍ରୀଜକୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍ ଜାମିଆ ମିଲିଆ ଇସଲାମିଆ

ମତିଗତି ବଦଳୁଛି ଇନ୍ଦ୍ରଧନୁର

॥ ଡକ୍ଟର ସୁରେଶ କୁମାର ନାୟକ ॥

ଉଡ଼ିଆରେ ଏକ ଲୋକପ୍ରିୟ ସଂଗୀତଟି ଥିଲା - 'ଇନ୍ଦ୍ରଧନୁର ସପ୍ତରଙ୍ଗ, ସବୁତ ଯାଉଛି ଲିଭି ।' ବାସ୍ତବରେ ଆବହମାନ କାଳରୁ ଆମ ମାନଙ୍କ ଆଖି ଓ ସୌନ୍ଦର୍ଯ୍ୟର ପ୍ରତୀକ ହୋଇ ଜାଜ୍ୱଲ୍ୟମାନ ବିରେଚିତ ହେଉଥିବା ଇନ୍ଦ୍ରଧନୁ ବାସ୍ତବରେ ଆଜ ପୂର୍ବ ପରି ଦେଖିବାକୁ ଆମେ ପାଉନୁ । ଜଳବାୟୁ ପରିବର୍ତ୍ତନ ପାଇଁ ଉତ୍ତରଦାୟିତ୍ୱ ବେଶୀଟି ତ ଆଜ କେଉଁଠି କମ ଦେଖିବାକୁ ମିଳିବ ବୋଲି ନିଜରେ ଏକ ବୈଜ୍ଞାନିକ ଅଧ୍ୟୟନର ତଥ୍ୟ ସୂଚାଡ଼ କରିଛି । ଏହାର ବଡ଼ କାରଣ ହେଉଛି ଦିନକୁ ଦିନ ଜଳବାୟୁର ଯେଉଁପରି ଅଚାନକ ଓ ଅଭୂତପୂର୍ବ ପରିବର୍ତ୍ତନ ସବୁ ହେଉଛି ଏହା ସହ ତମାମ ବିଶ୍ୱ ବ୍ୟାପୀ ବୃଷ୍ଟିପାତ ଧାରା ଓ ମେଘମାଳରେ ମଧ୍ୟ ପରିବର୍ତ୍ତନ ଦେଖାଯାଉଛି ଯାହା ପାଇଁ ଜେତେବେଳେ ଓ କେଉଁଠି ଇନ୍ଦ୍ରଧନୁ ଦେଖାଯିବ ତାହା ମଧ୍ୟ ବଦଳି ଯିବାର ବଡ଼ ସମ୍ଭାବନା ସୃଷ୍ଟି କରିଛି । ଆମେ ଜାଣିଛୁ ପୂର୍ବାଭଶ୍ମୀ ବାୟୁ ମଣ୍ଡଳରେ ଥିବା ସୂକ୍ଷ୍ମ ଜଳକଣିକା ଭେଦ କଲାବେଳେ ଆଲୋକରେ ଇନ୍ଦ୍ରଧନୁର ଆବିର୍ଭାବ ହୋଇଥାଏ । ତେଣୁ ଏହା ପ୍ରକୃତିଗତ ଓ ଲୌଗୋଳିକ ନିୟମ ଯେ ଜଳବାୟବାଷ୍ପରେ ଜୌଣସି ସାମାନ୍ୟତମ ପରିବର୍ତ୍ତନ ଘଟିଲେ ତାହା ଇନ୍ଦ୍ରଧନୁ ସୃଷ୍ଟି ହେବାର ଫୌନ୍ଦ୍ରଯୁକ୍ତିକତା ଉପରେ ବ୍ରେଡ ପ୍ରଭାବ ପକାଇବ ।

ରପରର ତଥ୍ୟଟି ଭଲଭାବେ ଏକ ନିଷ୍କର୍ଷରେ ପହଂଚିବା ପାଇଁ ଏକ ବୈଜ୍ଞାନିକ ଟିମ ବିଶ୍ୱର ବିଭିନ୍ନ ସ୍ଥାନର ଫଟୋର ଏକ ବୈଜ୍ଞାନିକ ଡାଟା ବେସ ପ୍ରସ୍ତୁତ କରିଥିଲେ । ପରବର୍ତ୍ତୀ ସମୟରେ ସେମାନେ ଜଳବାୟୁ ଓ ପାଣିପାଗ ଅବସ୍ଥା ଆଧାରରେ ଇନ୍ଦ୍ରଧନୁ ଦେଖାଯିବା ଗଣଣାର ପ୍ରାକ୍ ସୂଚନା ଦେବା ପାଇଁ ଗୋଟିଏ ଗୋଟିଏ ମଡ଼େଲ ପୋଗ୍ରାମ ପ୍ରସ୍ତୁତ କଲେ । ଏହି ମଡ଼େଲ ସାମ୍ପ୍ରତିକ ଜଳବାୟୁ ତଥ୍ୟାବଳୀ ଓ ତିନୋଟି ସମାବ୍ୟ ଭବିଷ୍ୟତ ଜଳବାୟୁ ପୃଷ୍ଠ ଭୂମିରେ ପରୀକ୍ଷା କରାଗଲା । ନିଜରେ ବିଶ୍ୱ ବିଖ୍ୟାତ ପତ୍ରିକା 'ଗ୍ଲୋବାଲ ଏନଭାଇରନମେଣ୍ଟ ଚେଞ୍ଜ'ରେ ଚମତ୍କାରପୂର୍ବ ପରୀକ୍ଷାଫଳ ପ୍ରକାଶ ପାଇଛି । ସେଥିରୁ ସୂଚୀତ ହେଉଛି କି ଯେ ସଂପ୍ରତି ଭୂପୃଷ୍ଠରୁ ସ୍ୱାଭାବିକ ଅବସ୍ଥାରେ ବର୍ଷାକୁ ହାରାହାରି ୧୧୭ ଦିନ ଇନ୍ଦ୍ରଧନୁ ଦେଖାଯାଇଥାଏ । ଏହି ହିସାବକୁ ଗଣନା କଲେ ଆଗାମୀ ୨୧୦୦ ମସିହା ବେଳକୁ ଇନ୍ଦ୍ରଧନୁ ଦିଶିବା ଦିନ ସଂଖ୍ୟା ଗାରିସୁ ପାଂଚ ପ୍ରତିଶତ ବୃଦ୍ଧି ପାଇପାରେ । କିନ୍ତୁ ଏହାର ନିର୍ଭରତା ସବୁଠୁ ଗୃହ ବାଷ୍ପ ନିର୍ଗମନ ଉପରେ ଦେଖା । କିନ୍ତୁ ଏହି ଇନ୍ଦ୍ରଧନୁ ଦୃଶ୍ୟମାନତାରେ ବୃଦ୍ଧି ବିଶ୍ୱର ସବୁଆଡ଼ ସମାନ ଭାବେ ଘଟି ହେବନାହିଁ । ବିଶ୍ୱର ପ୍ରାୟ ୨୧ରୁ ୩୪ ପ୍ରତିଶତ ଭୂଭାଗ ଅଂଚଳରେ ଇନ୍ଦ୍ରଧନୁ ପଡ଼ିବା ଦିନ ସଂଖ୍ୟା ହ୍ରାସ ପାଇପାରେ ଏବଂ ୬୬ରୁ ୭୯ ପ୍ରତିଶତ ଅଂଚଳରେ ତାହା ଅଧିକ ଦୃଶ୍ୟମାନ ହୋଇପାରେ । ଅପେକ୍ଷାକୃତ କମ ଲୋକ ରହୁଥିବା ହିମାଳୟ ଓ ସୁମେରୁ ଅଂଚଳ ଭଳି ପାହାଡ଼ିଆ, ଶୀତଳ ଓ ନିରବ ଜଲାକା ବା ଅଂଚଳରେ ଇନ୍ଦ୍ରଧନୁ ଦୃଶ୍ୟମାନତାରେ ସବୁଠାରୁ ଅଧିକ ବୃଦ୍ଧି ପାଇପାରେ କିନ୍ତୁ ଜନବହୁଳ ଅଂଚଳରେ ଖୁବ କମ ଦିନ ଇନ୍ଦ୍ରଧନୁର ଆର୍ବିଭାବ ଆସିବ । ଜଳବାୟୁର ଅଚାନକ ଓ ଅନିୟମିତ ପରିବର୍ତ୍ତନ ପାଇଁ ଆମମାନଙ୍କ ଅଜଣ୍ଡାରେ ଅନେକ କିଛି ପ୍ରାକୃତି ଘଟଣା ବଦଳି ଯାଉଛି । ହୁଏତ କେହି ଯୁକ୍ତି କରିପାରନ୍ତି ଇନ୍ଦ୍ରଧନୁର ଆର୍ବିଭାବରେ ଆମର କଣ ଆବଶ୍ୟକତା ଓ ଅନାବଶ୍ୟକତା ରହିଛି । ତେବେ କଥା ସେଟିକିରେ ନାହିଁ । ଏ ସବୁର କୌଣସି ବିଶେଷ ପ୍ରଭାବ ନଥିଲେ ବି ଆମେମାନେ ଯେ ପ୍ରାକୃତମୟ ଅତୀତ ସୁନ୍ଦର ସୁନ୍ଦର ପ୍ରାକୃତିକ ଅନୁଭବ, ଅଭିଜ୍ଞତା ଓ ଉପଭୋଗରୁ ବଞ୍ଚିତ ହେଉଛୁ । ଇନ୍ଦ୍ରଧନୁ ଦେଖି ବ୍ୟବସ୍ଥା କି ଅଣିନାଡି ଉପରେ ହୁଏତ ପ୍ରତ୍ୟକ୍ଷ ଭାବରେ ପ୍ରଭାବ ନପକାଇ ପାରେ କିନ୍ତୁ ଆବହମାନ ସମୟରୁ ଆମ ମାନଙ୍କ ମନରେ ଯେଉଁ ଆନନ୍ଦ, ପ୍ରକୃତି, ବିସ୍ମୟ ଓ ବିଭୁତିପୂର୍ଣ

ଶବ୍ଦ
ପୃଷ୍ଠା ସଂପାଦନା: କୃଷ୍ଣ କୁମାର ମହାନ୍ତି
ସାପ୍ତାହିକ ସାହିତ୍ୟ ଫର୍ଦ୍ଦ
ବାଲେଶ୍ୱର, ରବିବାର, ୨୬ ଅପ୍ରେଲ ୨୦୨୬
ସେଇଠି ଆରମ୍ଭ

ପ୍ରାୟୋଗିକ ସମୀକ୍ଷା-୨୮

ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ କବିତା 'ଫେରିଯାଅ ମାୟାବୀ'

ଡକ୍ଟର ବିଶ୍ୱରଂଜନ ଦାସ

▶▶କବିତା: 'ଫେରିଯାଅ ମାୟାବୀ'

▶▶କବି: ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି

▶▶ପ୍ରକାଶନ : 'ଲେବଦା' ଅଙ୍କୁରେ ୨୦୨୬

ଓଡ଼ିଆ କବିତାର ଏକ ସ୍ୱତନ୍ତ୍ରନାମ ସ୍ୱର ଭାବେ କବି ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କୁ ଜୁଲାଇ ବରାଯିବ ନିଶ୍ଚୟ । ତାଙ୍କ କବିତାରେ ଏକ ଦୃଢ଼ମନା ମାନାର ସ୍ୱର ଛନ୍ଦ । ସାମ୍ପ୍ରତିକ ମଣିଷର ଏକାକୀତ୍ୱକୁ 'ନିଶିଛ ପୁର୍ଣ୍ଣ' ଆଖଖଣ୍ଡିରେ ହରି ଏକାନ ବ୍ୟର୍ଥତା ଶବ୍ଦାଳରେ ଏକ ବିଶ୍ୱାସ ଦୃଢ଼ ଭାବେ ଫୁଟାଇଛନ୍ତି । ଏହାର ଶବ୍ଦ ଚୟନ ଓ ଶବ୍ଦ ବିନ୍ୟାସ ଅତି ସୁନ୍ଦର ।

ଦୃଷ୍ଟାନ୍ତି : "ଫେରିଯାଅ ମାୟାବୀ /ଫେରିଯାଅ / ହେବେ ଏକ କବିତାର ଶୀର୍ଷକ ହୋଇ ରହିଯାଉ ।"

ଏହି ପଦ୍ୟଟିରେ ବର୍ଣ୍ଣାଏ ଯେ ଜୀବନମାଳିକା ସବୁବେଳେ ସୁଖର ବାସ୍ତବତାକୁ ପ୍ରକାଶ କରିବାକୁ ପ୍ରସ୍ତୁତ ; ଅଥଚ ମାନାରି ପ୍ରତାରଣାପୂର୍ଣ୍ଣ ଜଗତ୍ରିଚିତ୍ରକୁ ନୁହେଁ । କବିତାରେ ଗୋଟିଏ ପଦେ ଫେଡ଼ୁଥିବାର ଜଳାଳ, ବାବଜୀ ଅପରାଜୁ ଓ ବୁଲିପୁ କବିତାର ଶୈଳ୍ପିକର୍ଯ୍ୟ ରହିଛି ଓ ଅନ୍ୟପକ୍ଷେ ଶିଶୁସଙ୍ଗତର ବୁର୍ଣ୍ଣ, ଅଶାନ୍ତି ଓ ବଳିଷ୍ଠ ନିର୍ଦ୍ଦେଶ । ବର୍ତ୍ତମାନ ଶାନ୍ତିର ପ୍ରତୀକ ହୋଇଥିବା ବେଳେ ମାନୁ ଜଳାଳ ଦର୍ଶାଇ କବି ସ୍ୱପ୍ନଭଙ୍ଗର କଥା କହିଛନ୍ତି । "ସମ୍ପ୍ରତ୍ରାଳ ଦଦାସ ସଞ୍ଚରେ / ଅଶ୍ୱର୍ଣ୍ଣ ଆକାଶରେ / ଏକତାରାକୁ ତମେ ଦେଖୁଛନ୍ତି" - ଏହି ଧାଡ଼ିଟି ସୂଚାଇଛି ଯେ ଶାନ୍ତାରେ ଥିବା ବ୍ୟକ୍ତିଟି କେବଳ ବାମ୍ୟ ସୌନ୍ଦର୍ଯ୍ୟକୁ ଦେଖୁଛି, କିନ୍ତୁ କବିଙ୍କ ଭିତରେ ଥିବା ଏକାକୀପଣ ବା 'ଏକତାରାର ସ୍ୱର'କୁ ଶୁଣିବାକୁ ଅକ୍ଷମ । ଏହା ସାମ୍ପ୍ରତିକ ଜୀବନ ମଣିଷ ହରିଠୁଣ ଏକ ବିକଳ ମାନସିକ ଅବସ୍ଥା । "ଶବ୍ଦପୁରେ ମାନୁଲି ନାହିଁ କେତେଟିଏ ଭାଷି ଭୁଲିଯାଉ" - ଅର୍ଥାତ୍ କବି ଏକ ବିଶାଳ ଶବ୍ଦପୁର ଦୃଢ଼ ନିଶ୍ଚୟରେ ସାମ୍ପ୍ରତ ବ୍ୟକ୍ତିର ସଂଘର୍ଷ ଦୃଷ୍ଟିକୋଣକୁ ବିଚୁରା କରିଛନ୍ତି । "ଜୀବନ ତମାମର / ବ୍ୟର୍ଥତାର ଶୃଙ୍ଖଳରେ / ଜେଉଁ ସମ୍ବନ୍ଧରେ ପ୍ରାଣ ଅପୁଛ, ସନ୍ଧନଶାଳକାର ଭକ୍ତୁଳୁ / ବିଚୁରି ଭଳି ବୋଳି ଲେଖ" - ଅର୍ଥାତ୍ 'ବ୍ୟର୍ଥତାର ଶୃଙ୍ଖଳ' ଜୀବନର ସମସ୍ତ ବଳାଇଥିବା ସ୍ୱପ୍ନର ଏକ ଚିତ୍ର । କବି ପ୍ରଶ୍ନ କରୁଛନ୍ତି ଯେ, ଯେଉଁଠି ବହୁବିଧ ଜଳିଯୋଡ଼ି ପାଇଁ ହୋଇଯାଇଛି, ସେଠାରେ ସନ୍ଧନଶାଳକାର ଭକ୍ତୁଳୁ ମେରେ କେବି ବିଚାରି ବିଚୁରିବ ପରିଚୁ ପାଇଁ ବୋଳି ଲେଖ ପାରିବ ! "ଏଣୁ ଫେରିଯାଅ / ମୋରେ ମୋ ମାନବତାର ଦ୍ୱାରରେ / ଏକୁଟିଆ ଛାଡ଼ିଦିଏ / ମୋରେ ମୋ ଆତ୍ମବଳର ଦ୍ୱାରରେ / ଜେଉଁ ମାମୁଲି ମାଳିକେଦେଟିଏ ଭାବି, ବୁଲିଯାଅ !" ଜୀବନ ମାଳିକା ବାଳିମାଟି ଯେ କେବେ ଗାଙ୍କୁ ପଡ଼ା ଜଳୁ । ସେ ଜାଣେ, ନିଜବାଳରେ ଯିଏ ସ୍ୱକୀୟ ପୂର୍ଣ୍ଣତାର ଅନ୍ୱେଷଣ ଅଛି । ପ୍ରତିପ୍ରଶ୍ନର ଅଭାବ ଓ ଅନ୍ତ-ଜଳାବଳାକୁ କବି ଏକାକୀଙ୍କେ ଏଠାରେ ପରିପ୍ରକାଶ କରିଛନ୍ତି ।

ମୋଟାମୋଟି ଭାବେ କବିତାଟିରେ ଶବ୍ଦଚୟନ ଅତ୍ୟନ୍ତ ମନଛୁଆଁଳି । ଏଥିରେ ଛନ୍ଦକ ଅବଲୋକ ନାହିଁ, ବରଂ ନିଜ ଅଭିବ୍ୟକ୍ତି ମେଳ ରଖେ ସମ୍ପର୍କର ଜଳିକ ଛନ୍ଦଶୈଳୀ ରହିଛି । ସୁନ୍ଦର", କବି ପ୍ରିୟଙ୍କାଙ୍କର ପ୍ରୋଡ଼ ''ଫେରିଯାଅ ମାୟାବୀ'' କବିତା ହେବେ ଏକ ବିଷୟର ଆଖଖଣ୍ଡ ନୁହେଁ, ବରଂ ସମ୍ପର୍କର ଭାବେ ଅଭିବ୍ୟକ୍ତ ଆତ୍ମମନ୍ଥନ ଓ ପ୍ରତ୍ୟାବର୍ତ୍ତନ କବିତାର ବାମମାର ଭାଷା । କବିଙ୍କର ମିଳିକ ଅଭିବାଣ୍ଡି କବିତାକୁ ଏକ ନିଦ୍ରାଶ୍ରୟ ପ୍ରଦାନ କରିଛି । କବିତାର ଶେଷ ଭାଗର ସ୍ୱର ଅଧିକ ଦୃଢ଼ ହୋଇଛି ଯେ ସେ 'ମାନବତାର ଦ୍ୱାର'ରେ ଏକୁଟିଆ ନିଦ୍ରାଶ୍ରୟ ପ୍ରଦାନ କରିଛି । କବିତାର ଶେଷ ଭାଗର ସ୍ୱର ଅଧିକ ଦୃଢ଼ ହୋଇଛି ଯେ ସେ 'ମାନବତାର ଦ୍ୱାର'ରେ ଏକୁଟିଆ ନିଦ୍ରାଶ୍ରୟ ପ୍ରଦାନ କରିଛି । ଏହା ମଧ୍ୟେ ଶାଂପ୍ରତିକ ସମାଜକୁ ଲୋଭୁପ୍ତାଳ ମାନାର ମାନସିକତାକୁ ଦର୍ଶାଏ, ଯିଏ ଆତ୍ମପ୍ରବଳତାରେ ଦର୍ଶାଉଛି ମଣିଷର ନିଜର ଅସ୍ତିତ୍ୱ ସମ୍ପର୍କରେ ଗର୍ବ ପ୍ରକାଶ କରିଛି । ଶିଶୁସଙ୍ଗତ୍ରା ମଣିଷର ନିଜକୁ ଖୋଜିବାର ସଙ୍କଳ୍ପ ମାନାବାଦୀ ଦର୍ଶନର ପ୍ରଥାର୍ଥ ସ୍ୱପ୍ନରୁ ବହନ କରିଛି ବୋଲି ଦୃଢ଼ ଭାବେ ବୁଝାଯାଇପାରେ ।

♥ ଦିବାକର ମୁଖୀ ଅଧ୍ୟାପକ:
ଡିଏନ୍‌ଏମ୍‌ଏ କଲେଜ, ଯାଜପୁରଡିହା, ଭଦ୍ରକ,
ଫୋନ:୬୩୭ ୧୪୩୦୫୬୩

ଫେରିଯାଅ ମାୟାବୀ

ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି

କିଏ ତୁମେ ?
ମୋ ଏକାକୀତ୍ୱର ନିଶିଛ ପୂର୍ଣ୍ଣକୁ
ଅଭିଯାତ୍ରା କରିବାକୁ,
ଧରେଇ ପଶି ଆସୁଛ
ମୋ ଅନ୍ତରର ଶୂନ୍ୟତା ଭିତରକୁ !
ମୋ ଅସ୍ତିତ୍ୱରେ,
ଜନ୍ମରୁ ଜାବନୀର କବିତାର
ଆଜ ଜୀବନ ତମାମ୍‌ର
ବ୍ୟର୍ଥତାର ଶୃଙ୍ଖଳରେ,
ଜେଉଁ ସମ୍ବନ୍ଧରେ ପ୍ରାଣ ଅପୁଛ,
ସନ୍ଧନଶାଳକାର ଭକ୍ତୁଳୁ
ବିଚୁରି ଭଳି ବୋଳି ଲେଖ !
ଫେରି ଯାଅ ମାୟାବୀ
ଫେରିଯାଅ
ଜେବେବ ଏକ କବିତାର
ଶୀର୍ଷକ ହୋଇ ରହିଯାଉ ।
ସେମ୍ବୁସାରୀ ସବାଳକ
ନଦୀ ଖଣ୍ଡାରୁ ପୁରେ ଭଳ ପାଟ
ପଥୁଚାରାର ଜଗାର ସଞ୍ଚରେ
ଅଶ୍ୱର୍ଣ୍ଣ ଆକାଶରେ
ଏକତାରାକୁ ତମେ ଦେଖୁଛନ୍ତି ।
ବାସନ୍ତୀ ଅପରାହ୍ନରେ
ଗାଢ଼ ଗାଢ଼ଯୁବା
ଫାଳିନ ହବଦାବସ୍ତକୁ ତମେ ଭଳ ପାଅ
ମୋ ବିଶ୍ୱାସର ପାଦକୁ ଧରରେ
ଜଡ଼ି ଯାଇଥିବା
ଅବଂଖ୍ୟ ଜଳାଳ
ଜପୋନାକୁ ତମେ ଦେଖୁଛନ୍ତି ।
କିମ୍ବଦନ୍ତ ଆକାଶ ତଳେ
ବିଷ୍ଣୁର ବୁଲିପୁ ବଗିଚାକୁ
ତମେ ଭଳ ଜୀବନ
ମୋ ଅବଂଖ୍ୟ ଦୀର୍ଘଶ୍ୱାସରେ
ପୋଡ଼ି ଯାଇଥିବା
ପତ୍ରବନକୁ ତମେ ଦେଖୁ ନାହିଁ ।
ଏଣୁ ଫେରିଯାଅ
ମୋରେ ମୋ ମାନବତାର ଦ୍ୱାରରେ
ଏକୁଟିଆ ଛାଡ଼ିଦିଏ
ମୋରେ ତୁମେ ଆସି ପୁଣି ଫେରି ଯାଉଥିବା
ଜମ୍ବୁରର ମାମୁଲି ମାଳିକେଦେଟିଏ ଭାବି ବୁଲିଯାଅ ।
ଫେରିଯାଅ ।

♥ ଏନଆଇଟି, ରାଉରକେଲା
ଫୋନ: ୮୨୬୦୮୮୩୩୩୫

ତମେ ଥରେ ବାଲେଶ୍ୱର ଆସନ୍ତନି

ଅଙ୍କିତ କୁମାର ଧଳ

ସ୍ତିତା !
ତମେ ଥରେ ବାଲେଶ୍ୱରକୁ ଆସନ୍ତନି
ଦେଖନ୍ତ ବାଲେଶ୍ୱର ଜାତିରେ ତମ ମାଁ ସହ
ମୋ ମାଁ ମୁକ୍ତ ଜଗାର ପୁରିଛନ୍ତି
ଏବେ କେମିତି ଶରୀର ଯେଉପରିଛି !

ସ୍ତିତା ତମେ କେବେ ଚାଦିପୁରକୁ ଆସନ୍ତନି,
ଦେଖନ୍ତ ମାଛ ଶୁଖୁଆର ବାଣ୍ଡାରେ
ଜାନ୍ତୁରମ୍ବ ଅନିମାର କଳି ଘୁଁଚାଇଛି ଦେବଦୋଷ !

ସ୍ତିତା
ତମେ ଥରେ ମୋ ମୋଷ୍ଟ ପ୍ରାଣକୁ ଆସନ୍ତନି,
ଯେଉଁଠି ଆମେ ଦୁଇଁ ମାଟି ଗୁମ୍ବୁରେ ଯେଉପରି
ବଗାଡ଼ି ଆଖିରେ ଆଖିକୁ ସ୍ୱପ୍ନ ଜାଗିରେ ଜାତିଏ କୋହ
ମନ ଭିତରେ ଅଜେନ ଆକଙ୍କା
ତମେ ଶ୍ୱପ୍ନ ଜଳିଥିବ
ଆଜ ମୁଁ ପାଣ୍ଡଳିକ ଜାଣୁଥିବି ।

ସ୍ତିତା !
ତମେ ଥରେ ଫେରି ଆସନ୍ତନି
ଘୋଳିଷ ଜାଳନକ ଜାତୀୟ ଜାଳପାଅକୁ
ମୋ ହାତ ସହ, ମାଡ ଛାଡି
ଆମେ ଦୁଇଁ ସହର୍ଷ କରୁଥିବା ନିଜକୁ
ମୋ ଜାଣିଥିବା ଆସୁଣକୁ
ତମ ମଣିଷ କେଉଁଠିଛି ଖୋଜେବୁ ।

ତମେ ଆସିବ ବୋଲି
ଘୁଳେଇ ଚାହକୁ ଧରି ଆଛିଛି
ଯଦି କେବେ ଏ ଅବଚେତ୍ତ ପାଣ୍ଡାବକ୍ତ ହୁଏ
ଅଶ୍ରାଳକୁ ଭଗ କରି ତମେ ଚଳିଯିବ ନାହିଁ ।

ତମେ ଆସିବ ବୋଲି
ମୋତକୁ ବସିଛି ବସନ୍ତିକା ପାଇଁ
ସ୍ୱପ୍ନରେ ଚନ୍ଦ୍ର ତମ ଭିଜିଗଲେ
ମଧୁରର ନୃତ୍ୟରେଖ୍ୟ ବସିଯିବ ନାହିଁ ।
ସ୍ତିତା, ମୁଁ ଜାଣେ ତମେ ଆସିବ ନିଶ୍ଚୟ
ଆସିବେ ତମ ଗାଳର ଶ୍ୱାନ,
ବାଲେଶ୍ୱରିଆ ମୁଡ଼ି, ମାଳର ଜଳ ଅତିଏ ନିଶ୍ଚୟ
ମୁଁ ସେଠିବିରେ ଛିଡିଯିବି ଗ୍ରେନଲ୍ !

ଏ ରାତି ଯାଉଯିବା ଆଗକୁ
ଏ ଜାତିର କୋହ ବୁଝିଯିବା ଆକୁ
ତମେ ଥରେ ବାଲେଶ୍ୱର ଆସ
ଏ ମାଟିରେ ତମେ ମୋତେ ସମ୍ବଳ ଦିଅ
ପ୍ରାତିର ବନ୍ଧାରେ
ପ୍ରେମର ଝଙ୍କାରରେ
ଧୃତ, ଦୀପ, ଜବନ, ନୈବେଦ୍ୟ ହେବ
ମୋ କାଳିଥିବା ଆସୁଣକୁ ଯୋଗାଡିବ ପରି
ଗୋଟାଏ ଶେଷରାତ୍ରି ପାଇଁ
ମୁଁ ଭୋଗିବିବ ମୋ ତମାମ ପ୍ରେମିକ ପଣର ପ୍ରେମ !

ଯେଉଁଠି ତବ ତବ ମେଳ ଜନୁଛି,
ବାଲେଶ୍ୱରର ଅଚୀତ, ବର୍ତ୍ତମାନ ଓ ଭବିଷ୍ୟତ ।

♥ ମିରିଗା, ବାସୁଦେବପୁର, ଭଦ୍ରକ
ଫୋନ:୬୦୦୮ ୮୪୩୭୦

ଗୀତ

ଶୈଳବାଳା ମହାପାତ୍ର

ଏ ଗୀତ କେଉଁଠୁ ଆସେ
ଏମିତି ଏ ନିଶକ ରାତିରେ
ପ୍ରାଣିକ୍ଷୁବ୍ଧ ହୃଦୟରେ
ଦରାସ ମୋଚୟାଏ
ଦେହ ମନ ପୁରମ୍ପରା ଓ ପ୍ରାଣ
ବିଚ୍ଛିନ୍ନ ବିଚ୍ଛାର ହୁଏ
ନିଜରେ ଆସେ
ଓଦା ଓଦା କଲୁଣ ଜୀବନ !

ଏ ଗୀତ କେମିତି ଆସେ
ଏମିତି ଏ ନିଶକ ପହରେ
ଜହ୍ନର ଦେଖା ହେବି
କିଏ ଗାଏ ଯେ ଏମିତି ଗୀତ
ଅନୁରାଗ ସୁରେ
ଅଜଣା ଅନୁଭୂତି ଆବୋଳିଯାଏ
ଛନ୍ଦାହୁଏ ଶାନ୍ତିକାକୁ
କବିତାର ଶବ୍ଦକୁ ଅଶ୍ରୁର
ଜୀବନ ଜାଳିଯେ !

ଏ ଗୀତ ବା କାଳିଟି ଆସେ
ଏମିତି ଏ ନିଶବ୍ଦ ମୁହୂର୍ତ୍ତେ
ବୁଲାକ ଦିଏ ପରପାର
ପ୍ରିୟ ପୁତ୍ର ଆସେନ୍ତ ଅଗ୍ରାଗ
ଆସୁଥିବ ଅଗଣତ ବର୍ଷବିତା ଛୁଟିଯାଏ
ଜୀବନର ମୃତ୍ୟୁ ଦିଗବଳୟ !!

♥ ପୁରୀ
ଫୋନ:୭୦୦୮ ୪୮ ୬୫୦୧

ପାଠକୀୟ ପ୍ରତିକ୍ରିୟା

'ନୀଳ ନିରବତା' : ଦୁଇ ଟୋପା ଲୁହ ଓ ସମୁଦ୍ରେ କୋହର କବିତା

● ନୀଳିମା ନିବେଦିତା

♥ବହିର ନାମ : ନୀଳ ନିରବତା
♥ପୃଷ୍ଠା : ନୀଳିମା ନିବେଦିତା
♥ପ୍ରକାଶକ: ସୃଜନ ଲଣ୍ଡିଆ
♥ପୃଷ୍ଠା : ୭୨
♥ମୂଲ୍ୟ : ୧୦୧/-
♥ପ୍ରଥମ ସଂସ୍କରଣ : ୨୦୧୯

ଜିଛି ଦିନ ତଳେ ଭାଇଭୁଣି ନୀଳୁ ଘରି କବିତାବେ ଲେଖିଛି ବୋଲି, ସେଇଟା ପାଠିଲେ । ଦିନ ନିଜେ ଗୋଟାଏ ଅନୁଭୂତି କବିତା ପଢାଯାଇ କେମିତି ଲେଖିବେ ବୁଝା ଯାଇପାରେ । ସେଇଟା କବି ପାଠିଲିଛି । ଦିନ ନିଜେ ଗୋଟିଏ ଗଛର ଶାଖପ୍ରଶାଖା ବଳ, ଗପାଇଁ କିଏ କେମିତି ଗା ଗଛକୁ ପାଳିବ କବି ! ସୋଧାଦୁଏ ସେଥିପାଇଁ ଆଶିଯାଏ ନାହୁ ବୁଝି ପାରିଲେଣି ସେବେ । ଯେଉଁଠି ନୀଳୁ ଜାଣିବା ଲୋକ ନୁହେଁ । ସେ ବିଶ୍ୱ ଗଛ ଭେଣାରେ ଲଢ଼ିବା ଜାଣେ ବିଶ୍ୱ ପରଦେ ମାଳିକ ଜାଣେ । ସେ ମନୁଷ୍ୟଟିକେ କବିତା ଜାଣେ, ଶବ୍ଦାଳକୁ ଘୁ ଜାଣି ପରବଳ ଭଢ଼ାଇବା ଜାଣେ । ସେ ପ୍ରେମରେ ନିଜକୁ ଭିଜାଇବା ଜାଣେ ଓ ପ୍ରକାରଣାରେ ନିଜକୁ ନଜାଇବା ବଦଳେରେ ନିଜେ ନିଜକୁ ଖୋଜିବା ଜାଣେ । ସାଧବଙ୍କ ସେଇଥିପାଇଁ ସେ ନିଜ ପାଖି ନିଜେ ଗପ ଲେଖେ ଏବଂ ନିଜ ପାଖି ନିଜେ ଲେଖେ କବିତା ନୀଳ ନିରବତାର ।

ଏବେ ଆପଣ କହିବେ ନୀଳୁ କିଏ ? ମୁଁ କବିତି ନୀଳୁ ଗୋଟିଏ ଜାତ, ଯାହାକୁ ଆଜିଯାଏ ମୁଁ ଦେଖି ନାହିଁ । ଦେଖାଟି ଜାଣିଛ, ସେ ମୋ'ଠୁ ଭିନ୍ନ ନୁହେଁ । ସେ'ବି ମୋ ପରି କାନ୍ଦେ, ଯେଉଁବେଳେ ମନି ଯାଉଥାଏ ମାଆର ମମତା, ସବି ଯାଉଥାଏ ମଣିଷର ମାନବିକତା ଓ ସମାଜକୁ ସାମାଜିକତା । ଅବଶ୍ୟ ଆପିଯାଏ ମୁଁ ଜେଉଁଠି ଠିଆ ହୋଇ କଥା ଶେଷ କଥା କବି ପାରିଲିନି । ସେ ବିଶ୍ୱ ବନି ଶିଖିଛି । କଥାରେ ପାଠ ଆଣି ପାଲିକା ଜାଣିଛି, କୋହର ସମୁଦ୍ରରେ ଭାସି ମଣାର ପରିଚିତା ଜାଣିଛି । ନିଜ ଝିଅରେ ନିଜେ ମାଟି ଖୋଳିବା ଶିଖିଛି ।

ବଁ, ତୁମେ ପଢ଼ିଲ ଚାହୁଁ କୁଳି ଯାଇପାର । ସେ ବିଶ୍ୱ ଦୁନିଆ କୁଳିକୀ ଶିଖିଛି । ତୁମେ ହୁଏତ ଚାହୁଁ ପରଲି ପାର କଳା ଗୋଗ, ଲଢ଼ ନାଳ, ଧଳା କଳିକ ଆଦି ହେବେ ସେ କଥା ଠିକରେ ଏବଂ ବୁଝି ଯାଇପାର ଚାହୁଁ । ସେ ବିଶ୍ୱ ଜମାରୁ ଭୁଲେଟି ଗୁମ୍ବୁ । ଭୁଲେନି ସେହି ଦିନ ସବୁକୁ ଯେଉଁ ଦିନ 'ଦୁଆ' ....ଉଠୀ ମୋଳ ନଥୁଲ ବି 'ଚେ'..ସେ ହୋଇ ନଥୁଲା । ଯାଉଁଳ ରାତ୍ର ପାଲେଲ ଲଢ଼ ଜାରି ଯାଉଥିଲା । ଅଥଚ୍, ସେ ଭଙ୍ଗକୁ ଦେଖେଲା କରି ତୁମେ ଗାଲିଲେଲ ଆଗ ଚେହେଁ ଦିଅନ୍ତୁ । ଦେହିନକ କଥା ଆଜି ବି ମନେ ପଡ଼ୁ ଯାଆଲ । ଲୁକେରେ ଲେଖେଲା ସେ କବିତା ଏବଂ ବୁଝେ, "ଭଙ୍ଗ ଚ ଲାଗିଥିଲା / ଓଠରେ ପଥୁଲାଳ / ଛାଡିଲେ ବଦଳର / ଆଖିରେ ପ୍ରେମ / 'ତୁମେ ? .. ତୁମେ ମୋଳ ନଥୁଲ / 'ମୁଁ ... ମୁଁ ମୋଳ ନଥୁଲି / 'ଅଜୀ'...ଆମେ ମୋଳ ଖେଳିଥିଲେ ଖେଳର ଅଟିବ । ++++++ ଭଙ୍ଗ ଚ ଆଜି ବି ଲାଗିଛି / ଦେହରେ, ମନରେ ... +++++ ସ୍ପର୍ଶରେ ମାଗର ତୁମେ / ମୁଖ ଏକ ପୁଟିଆରେ ! / ଖୋଜି ଚାଲିଛି ନିଜକୁ ମୁଁ / ଏକ ଶବ୍ଦ ମାଳକ ଭିତ୍ତରେ ।" (ପୃ. ୯୩୧)

ବଁ, ଏମିତି ଯିଁ ଏବେ ମାନ ପଢ଼ୁଛି ସେହି ସବୁ ଦିନ ମାନକର କଥା । ମାନ ପଢ଼ୁଛି ସାଥି ଯେଉଁ ଗାଲିବା ପାଇଁ ବଡ଼ ଦେଇ ଅଧ ଭାଙ୍ଗରେ ଧୋଇ ଦେଇ ବାଲି ଯାଇଥିବା ସେହି ପ୍ରିୟତମର କଥା । ମାନ ପଢ଼ୁଛି ମମତ ପରି ବାଟ ବଣ୍ଟ ସେଉଥିବା ଗାଆ ଗୋଲାଧି ମନର କଥା ।

ବଁ, ନୀଳୁ ଭାଗିରେ ଏବେ ସମ୍ପୂର୍ଣ୍ଣ କୋହ ଏବଂ ଆଖିରେ ଝରିବ ଝରିବ ଲାଗ ଝରି ପାଳୁନଥିବା ଦୁଇ ଟୋପା ଲୁହ । ସେହ ଲୁହକୁ ବଳପାର ରାଖି କବି ଗାପାଣି ଘରରେ ଏବେ ବାଲିକା ଶିଶୁଲାଲାଣି ନୀଳୁ । ବାଲିଶିଆ ବଳମ ପିଶିବା ଦିନଠୁ ସାମାଜ ପାଲକାଣି ଖୋଳିବାକୁ ନଦରିଆ ପଡ଼ି ଯାଇଥିବା ସେହ ନୀଳ ଲଙ୍ଗର ସେହ କଥାପାଇ ଏବଂ ଦାଆ ଭିତରେ ଥିବା ସେହ ପ୍ରେମ ଚିଠିକୁ ଯାହା ଦିନେ କବିଥିଲା ସିଆରେକ୍ ନ ବୋଧ ମିଟି ଗଲି ।

ସେହ ପ୍ରେମ ଆଜି ସିଆରେକ୍ ଧୂଳିଁ ପରି ମିଶି ଗଲାଣି ଘରବେଳେ । ସେହ ପ୍ରେମ ଆଜି ମୋବେଲଟେମ୍ପିଆର ସନ୍ଧାନରେ ପରି ମିଶି ଗଲାଣି ମାଟିରେ । ସିଏ ଯାଇ ଆଉ କେଉଁଠି ସଂଘାତ ଲାଗିଲା ପରେ ଏକ ଅବଚାର । ଏବଂ ସେହ ମନ ନିଜବତାକୁ ଖୋଜି ବଳି, ବୁଡ଼ି ବସୁଛୁ ପରେ କବି ଆଗକୁ ବଢ଼େ ଯେ, ଏଇ ଯେମିତି ବରଷ ଆଉ ଫେରେନା ପଛକୁ ।

ଆଜୋ ! କଣ ଭାବୁଛନ୍ତି ଆପଣ ? କଣ ଭାବୁଛନ୍ତି ନୀଳୁ କିଏ ? ହଁ, ସେଇ କଥା ଭାବୁଥିବେ ନିଶ୍ଚୟ । ଏ ସମ୍ପର୍କରେ ନୀଳୁକୁ ପଚାରିଲେ ନୀଳୁ କୁହେ, "ନାହିଁ ମୁଁ ନିଜ ମାଟାଚରେ/ନୀଳ ଲଙ୍ଗ ନାଳିମାନ+++ଖଣ୍ଡା ଦିନେ ଚାଟିବା/ମୁଁ ଶାନ୍ତ ଦିନେ ଜାଡ଼ିବ ,/ ଲଢ଼ରେ ଶ୍ରାବଣର ଧରା /କେବେ ବସନ୍ତର ମାସୁମ ...//ଘାଟା ଜୁଡ଼େ ଗଢ଼ା ଜୁଡ଼େ/ଜୁଡ଼େ ବି ଏଇ +++ ପୁଣ୍ଡଣ୍ଡା ସଂଘାତ !/ ଛୁଟି ଦେଲେ ବଳିଯାଏ / ବୃଥିରେ ଚିରିଯାଏ / ଏକାକୀର ଲେବା / ଜୁଡ଼ିବ ଯେ ଶେଷ ଶୃଙ୍ଗାର ।"(ପୃ.୪୫)

କଣ ଶେଷ ? କଣ ଏବେ ବି ଆପଣ ଭାବୁଛନ୍ତି ନୀଳୁ କିଏ ? ଯେଉ, ଭାବୁ ଆସୁଛୁ । ନୀଳୁ କିଏ ବଳିବା ପାଇଁ ଏବେ ମୋ ପାଖରେ ଦେବ ନାହିଁ । ମୋତେ ବ ବଳିବାର ଥିଲା ବଳି ନାଳିମା ନିବେଦିତାଙ୍କ କବିତା ସଂଗ୍ରହର 'ନୀଳ ନିରବତା'ର କଥା । ମୁଁ ଏଯାଏଁ ସେଇ କବିତାର କଥା ହିଁ କହୁଛୁଲି । କେଳାଣି କେମିତି ଗାଆ ଭିତରେ ଏ ନୀଳୁ ଚାଲି ଆସିଲା !

ଏଠି ପୁରାଣ କବିତା ସଂଗ୍ରହମାନେ ସମ୍ପୂର୍ଣ୍ଣ ୪୨ଟି ଶ୍ରେଷ୍ଠ କବିତା ଅଛି । ଗାଆ ଭିତରେ 'ଅଳିଆ ସଂଗ୍ରାମ' ଠାରୁ ଆରମ୍ଭ କରି 'ଶେଷ ଶୃଙ୍ଗାର' ଯାଏଁ ପ୍ରାୟ ୨୬ଟି କବିତା ଅଛି ସୁନ୍ଦର ଭାବରେ ଗଢ଼ି ଉଠିଛି ଗୋଟିଏ ଗ୍ରେଟ୍ ଲାଇନ୍‌ରେ । ସେଠି ପ୍ରୋ ଅଛି । ପ୍ରୋଗଣ୍ଡ ବି । ସେଠି ଜହୁଦର କବିତା ଭିତରେ ଗୋଟିଏ ଦୃଶ୍ୟ ଅଛି ,ଗୋଟିଏ ଅନୁଭବ ଅଛି ଏବଂ ଅଛି ବିଶ୍ୱ ସୁନ୍ଦର ଶବ୍ଦ ଚୟନ । ଏଣୁ ଭଲ ଲାଗିଛି ସେଇ କବିତା ଗୁଡ଼ିକ ।

ଅନୁଭବ ହୋଇଛି କବିତା ଗୁଡ଼ିକ ଗୋଟିଏ ପାଲକ ଭାବର କବିତା ବୋଲି । ଯେଉଁ ଆଣ୍ଟର୍ଣ୍ଣ ଜୀବନ ଭାବରେ ଶେଷ ୧୬ଟି କବିତାରୁ 'ଜୀବନର ଏକମିତି' ଓ 'ଜଣ୍ଡାବାଜଣ' ପରି ଦୁଇଟି କବିତାକୁ ଛାଡ଼ି ଦେଲେ ଅନ୍ୟ ୧୪ଟି ଯାକ କବିତାରେ ଶବ୍ଦ ଚୁଡ଼େ ଦେଖି ହୋଇ ପଢ଼ୁଛି ଗୋଟିଏ କ୍ୱାଣ୍ଟାମ ଜାମ । ସେଗୁଡ଼ିକ ପୁରି ଅରେରିରେ ଅନୁଶୀଳନ ହେବାର ଥିଲା ।

ତେବେ ମୁଁ ଏଠି ଗୋଟିଏ କଥା ଶ୍ରେଷ୍ଠ କରି ଦେବାକୁ ଚାହିଁ, ଯଦି ଗୋଟିଏ ବହିର ୪୨ଟି କବିତାରୁ ୨୮ଟି କବିତା ମାନକୁ ଛୁଟି ଯାଇଛି ସେଠି ନିଶ୍ଚେ କମପ୍ଲେନ ଉଠିଥିବା କଥା ୧୪ଟି କବିତାରେ ଲେଖିଛେଲେ ବି ତାହି ଆଥାରା । ଲେଖେ କଥା କହିବେ । ମୁଁ ଆଗରୁ କହିଛି ନୀଳୁ ଗୋଟିଏ ଶ୍ରାଦ୍ଧ ଏବଂ ଛିଏ ଗୀତ ଠାରୁ ଭିନ୍ନ ପୁରୁଁ । ନୀଳୁ ପରି ମୁଁ ବି ମୁର୍ଗରେ ମୁଣ୍ଡା ଠିଛି ବଳା ପାରେନା, ଭଲକୁ ଖରାପ ଓ ଖରାପକୁ ଭଲ ବୋଲି କହି ପାରେନା । ଏଣୁ ଯେଉଁ ସମାଲୋଚକେ ଦୃଷ୍ଟିକୋଣରୁ ଏଠି ମୋତେ ଅନୁଭବ ହେଲା କିଛି କଥା କହିବା ନିମନ୍ତେ ଜରୁରୀ ଥିଲା, ଏଣୁ ହୁଏତାରୁ ।

ଏବେ ଆପଣ ପୁଣି ଭାବିହେଲେଣି ସେଇ ନୀଳୁ କଥା । ମନେମନେ ଖୋଜିଲେଣି ସେଇ ନୀଳୁ । ହଁ, ଖୋଜନ୍ତୁ ନାହୁ, ଏଇ 'ନୀଳ ନିରବତା' ଭିତରେ । ସେ ନିଶ୍ଚୟ ଭାବରେ ଥିବ ଗାଆ ଭ

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୨୬ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପୁରୀ ଆଖାଡା ସଂସ୍କୃତି ପୁନରୁଜ୍ଜୀବନ ପାଇଁ ପୁରୀ ପ୍ରଶାସନ ନେଲା ପଦକ୍ଷେପ

ପୁରୀ, ୨୫/୦୪(ଆ.ପ୍ର) : ୨୩ ଏପ୍ରିଲ ୨୦୨୬ ସୋମବାର ଦିନ 'ସେଇଠୁ ଆରମ୍ଭ' ଦୈନିକ ଖବରରେ ପ୍ରକାଶିତ ପ୍ରଶାନ୍ତ ସ୍ୱାଇଁଙ୍କ ଲିଖିତ ଦାବି ଖବର ପ୍ରଭାବରେ ପୁରୀର ପାରମ୍ପରିକ ଆଖାଡା ସଂସ୍କୃତି (ମଲ୍ଲଯୁଦ୍ଧ)ର ପୁନରୁଜ୍ଜୀବନ ପାଇଁ ପ୍ରଶାନ୍ତ ସ୍ୱାଇଁ ଉଠାଇଥିବା ଦାବି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ପ୍ରତିଉତ୍ତର ମିଳିଛି । ଜିଲ୍ଲା କ୍ରୀଡା ଅଧିକାରୀ, ପୁରୀଙ୍କ ଚିଠି ଅନୁସାରେ, ପୁରୀରେ ଏକ "ଏଣ୍ଟରଟେନ୍ମେଣ୍ଟ ସେଣ୍ଟର ଫର ଓ୍ୱେଷ୍ଟେଣ୍ଡିଙ୍ଗ (ମଲ୍ଲଯୁଦ୍ଧ)" ସ୍ଥାପନ ପାଇଁ ପ୍ରସ୍ତାବ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗକୁ ପ୍ରେରଣ କରାଯାଇଛି । ଚିଠିରେ ପ୍ରଶାସନ ଜଣାଇଛି ଯେ ଆମଣ୍ଡେଙ୍କ ପ୍ରସ୍ତାବ ଗୁରୁତ୍ୱ ସହ ଗ୍ରହଣ କରାଯାଇଛି ଏବଂ ଏହାକୁ ସରକାରଙ୍କ ଉଚ୍ଚ ସ୍ତରକୁ ପଠାଯାଇଛି, ଏବଂ ଆଗକୁ କାର୍ଯ୍ୟ ହେବାର ସମ୍ଭାବନା ରହିଛି । ଆଖାଡା ସଂସ୍କୃତିର ସୁରକ୍ଷା ଓ ପାରମ୍ପରିକ କ୍ରୀଡାର ଉନ୍ନତି ପାଇଁ ଏହି ପ୍ରସ୍ତାବ ଦିଆଯାଇଥିବା ସହ, ଆଗାମୀ ଦିନରେ ସମ୍ଭାବିତ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଏହା ସହ ଆଗାମୀ ଅପରେଟ୍‌ଗୁଡ଼ିକ ପ୍ରଶାନ୍ତ ସ୍ୱାଇଁଙ୍କୁ ଅବଗତ କରାଯିବ ବୋଲି ପ୍ରଶାସନ ନିଶ୍ଚିତ କରିଛି । ଏହି ପ୍ରତିଉତ୍ତର ପାଇବା ପରେ ବିଜେପି କୃଷକ ମୋର୍ଚ୍ଚା, ଓଡ଼ିଶାର ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ପ୍ରଶାସନର ପଦକ୍ଷେପକୁ ସ୍ୱାଗତ କରିଛିବା ସହ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ, ପୁରୀର ଆଖାଡା ପରମ୍ପରା କେବଳ ଏକ କ୍ରୀଡା ନୁହେଁ, ଏହା ଶୃଙ୍ଖଳା, ସାହସ ଓ ସାମାଜିକ ଏକତାର ପ୍ରତୀକ । ସେ ଆଶା ପ୍ରକାଶ କରିଛନ୍ତି ଯେ, ଏହି ପ୍ରସ୍ତାବ ଶୀଘ୍ର ରୂପାନ୍ତରିତ ହୋଇ ପୁରୀରେ ଆଧୁନିକ ସୁବିଧା ସହିତ କୁସ୍ତି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପିତ ହେବ । ଏହା ଯୁବପିଢ଼ିଙ୍କୁ ନୂତନ ସୁଯୋଗ ଦେବା ସହ ରାଜ୍ୟ ଓ ଦେଶ ପାଇଁ ବହୁ ଖେଳାଳି ତିଆରି କରିବାରେ ସହାୟକ ହେବ । ପ୍ରଶାନ୍ତ ସ୍ୱାଇଁ ଆହୁରି କହିଛନ୍ତି ଯେ, ଆଖାଡା ସଂସ୍କୃତିର ପୁନର୍ଜୀବନଗଣ ଦ୍ୱାରା ପୁରୀର ସାଂସ୍କୃତିକ ପରିଚୟ ଆହୁରି ମଜବୁତ ହେବ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ନୂତନ ସମ୍ଭାବନା ସୃଷ୍ଟି ହେବ । ସେ ପୁନର୍ବାର ରାଜ୍ୟ ସରକାରଙ୍କୁ ଏହି ପ୍ରସ୍ତାବକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି ।

୨୭ରେ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଟାଙ୍ଗୀ ଚୌଦ୍ୱାର, ୨୫/୦୪(ଆ.ପ୍ର) : ଆସନ୍ତା ୨୭ ତାରିଖ ସୋମବାର ଟାଙ୍ଗୀ-ଚୌଦ୍ୱାର ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ, କଟକ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟା ସମୟରେ ଆରମ୍ଭ ହୋଇ ମୂର୍ଦ୍ଧାନ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ ।

ସୁଭଦ୍ରା ଯୋଜନା, ଶିଶୁ ପୁଷ୍ଟିକର ଖାଦ୍ୟ: ଗୀତ ମାଧ୍ୟମରେ ଆଲୋକପାତ

ଉତ୍ତରପାଟଣା, ୨୫/୦୪(ଆ.ପ୍ର) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ପଂଚାୟତ ସମିତିର ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ପିଏମଶ୍ରୀ ବିଦ୍ୟାପୀଠରେ ବ୍ଲକସ୍ତରୀୟ ଜାତୀୟ ପଂଚାୟତରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ସଭାର ଆୟୋଜକ ତଥା କେସିଙ୍ଗା ବିଡିଓ ଜଗେନ୍ଦ୍ରର ସ୍ୱାଇଁଙ୍କ ନେତୃତ୍ୱରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀମାନେ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ଏସଡ଼ିପିଓ ସାଧିପ ମାଝୀ, ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ବହସିଲଦାର ପ୍ରଣାଣି ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଡିପିଓ ସୁଷମା ମିଶ୍ର ଜାତୀୟ ପଂଚାୟତରାଜ ଦିବସରେ ସୁଭଦ୍ରା ଯୋଜନାରେ ଉପସ୍ଥିତ ରହିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଜାତୀୟ ପଂଚାୟତରାଜର ମୂଳ କକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମଂଚଳରେ ପାନୀୟଜଳ, ବିଦ୍ୟୁତ୍, ରାସ୍ତାଘାଟ ଇତ୍ୟାଦି ଜନୟନ ବିଷୟରେ ଆଲୋକପାତ କରିଥିଲେ । ସ୍ଥାନୀୟ ସିଡ଼ିପିଓ ସୁଷମା ମିଶ୍ର କାତୀୟ ପଂଚାୟତରାଜ ଦିବସରେ ସୁଭଦ୍ରା ଯୋଜନା, ରକ୍ତହୀନତା, ଶିଶୁ ପୁଷ୍ଟିକର ଖାଦ୍ୟ ଉପରେ ଗୀତ ମାଧ୍ୟମରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଏସଡ଼ିପିଓ ସାଧିପ ମାଝୀ ପଂଚାୟତରାଜ ଦିବସର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ସଭା ଶେଷରେ ଦିଢିନ୍ଦୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବିଜେତା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ସରକାରୀ ସ୍ତରରେ ପାଳନ ହେବ ଦୁଃଖୀରାମଙ୍କ ଜୟନ୍ତୀ : ବିଧାୟକ

ଜଗତସିଂହପୁର, ୨୫/୦୪(ଆ.ପ୍ର) :ଦୁଃଖୀରାମ ସ୍ୱାଇଁ ଡ଼ିଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ସମ୍ମାନସ୍ପଦ ଉଦ୍ଭାବକ । ସେ ୨୩ ଅପ୍ରେଲ ୧୯୨୫ ମସିହାରେ ବାଲିଲୁଡା ଦରବା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଷାଠିଏ ଦଶକରେ ପ୍ରାୟ ୫୦ଟି ଓଡ଼ିଆ ଲଅଠିତ୍ରରେ ଗୀତ, ନାଟ୍ୟ ଓ ଚରିତ୍ର ଆଦି ଭୂମିକାରେ ଅଭିନୟ କରି କୋଟି କୋଟି ଓଡ଼ିଆଙ୍କ ହୃଦୟ ଜିତି ପାରିଥିଲେ । ସେ ୧୯୯୪ ମସିହାରେ ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ଗୀତକ ଏକାଡେମୀ ପୁରସ୍କାର ଓ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ପାଇଥିଲେ । ହେଲେ ଦୁଃଖର ବିଷୟ ଏପର୍ଯ୍ୟନ୍ତ ତାଙ୍କୁ ଜଥିତ୍ ସମ୍ମାନ ଦିଆଯାଇ ପାରିନାହିଁ । ସରକାରୀସ୍ତରରେ ଶ୍ରୀଳ ଓ ଜୟନ୍ତୀ ପାଳନ ହେବାନି କିମ୍ବା ପ୍ରତିମୂର୍ତ୍ତି ଟିଏ ଗଢ଼ା ହୋଇପାରୁନାହିଁ । ତୁରନ୍ତ ଜିଲ୍ଲା ପ୍ରଶାସନ ଓ ସରକାର ଏଦିଗରେ ପଦକ୍ଷେପ ନେବାପାଇଁ ଆଜି ଦୁଃଖୀରାମ ସ୍ୱାଇଁ ସ୍ମୃତି ପରିଷଦ ପକ୍ଷରୁ ଆଦିକବି ସାରଳା ଭବନରେ ପ୍ରଖ୍ୟାତ ଅଭିନେତା ଦୁଃଖୀରାମ ସ୍ୱାଇଁଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତାବ୍ଦୀଙ୍କୀ ପୂର୍ତ୍ତୀ ଉତ୍ସବ ଓ "ଦୁଃଖୀରାମ ସ୍ୱାଇଁ ସ୍ମୃତି ସମ୍ମାନ-୨୦୨୬" ପ୍ରଦାନ ସମାରୋହରେ ଉଭୟ ଅତିଥି ଓ ଜନପ୍ରେମୀ ଦାବି କରିଥିଲେ । ତେବେ ବହୁ ଲଅ। ହେଉଛି ଦୁଃଖୀରାମ ସ୍ୱାଇଁଙ୍କ ଜୟନ୍ତୀକୁ ସରକାରୀସ୍ତରରେ ପାଳନ ଏବଂ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କେଉଁ ପ୍ରତିଶ୍ରୁତି ଦେଇଛନ୍ତି ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆମରେନ୍ଦ୍ର ଦାସ । ପରିଷଦର ସଭାପତି ଶରତ ଚନ୍ଦ୍ର ବାଲିଙ୍କଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସ କହିଥିଲେ ଦୁଃଖୀରାମ ସ୍ୱାଇଁ ଓଡ଼ିଶାର ଗର୍ବ । ଆମର ସୌଭାଗ୍ୟ ସେ ଜଗତସିଂହପୁର ମାଟିରେ ଜନ୍ମ ଗ୍ରହଣ କରିଥିଲେ । ଜୟନ୍ତୀ ପାଳନ ଓ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଓଡ଼ିଆ ରାଷ୍ଟ୍ର ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବି । ଆଗାମୀ ଦିନରେ ଏହି ଦୁଇଟି ଲଅ। ନିଶ୍ଚୟ ପୂରଣ ହେବ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଗୌଧୁଳୀ ବିହାରୀ ଦାସ, ସମ୍ମାନିତ ଅତିଥି ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ବରିଷ୍ଠ ଚଳଚ୍ଚିତ୍ର ଚିତ୍ର ଉତ୍ତୋଳକ ନିରଞ୍ଜନ ଦାଶ, ବରିଷ୍ଠ ଅଭିନେତା ବ୍ରଜ ସିଂ, ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଅଭିନେତା ବିଜୟାଶ୍ରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦୁଃଖୀରାମ ସ୍ୱାଇଁଙ୍କ ଅଭିନୟ ଓ ଗଚନ ବଳିଦ୍ଦି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବରିଷ୍ଠ ଅଭିନେତା ବ୍ରଜ ସିଂଙ୍କୁ ସମ୍ମାନଜନକ 'ଦୁଃଖୀରାମ ସ୍ୱାଇଁ ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ଏଥିସହ ଦୁଃଖୀରାମ ସ୍ୱାଇଁଙ୍କ ଜୀବନୀ ଉପରେ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା । ସଭାପରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଜୟ କୁମାର ରଥ ସମ୍ପାଦକୀୟ ପାଠ କରିଥିବା ବେଳେ ଆବାହକ ଅଜୟ କୁମାର ଗୋଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଂଚ ସଂଯୋଜନା କରିଥିବା ବେଳେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ସଭାପତି ଈଶ୍ୱର ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସଦସ୍ୟ ଗିରିପ୍ର କୁମାର ଖୁଁଟିଆ, ଦୁର୍ଗା ପ୍ରସାଦ ସ୍ୱାଇଁ, ନରେଶ ଦାସ, ସତ୍ୟବ୍ରତ ବିଶ୍ୱାଳ, ଅମିତ୍ ଅଶ୍ରୁମନ, ନଗେନ ପଣ୍ଡା, ଏନିନା ପ୍ରିୟଦର୍ଶିନୀ, ଶରତ କୁମାର ସ୍ୱାଇଁ, ସଂଜୀବ ମଲ୍ଲିକ, ସୁଜିତ ମହାପାତ୍ର, ସରୋଜ ମହାପାତ୍ର, ସୁଶାନ୍ତ ନେନା, ସୋମନାଥ ପରିଡା, ପ୍ରତାପ ମହାପାତ୍ର, ଶ୍ରୀଦର୍ଶୀ ମହାରଣା, ବର୍ଷା ପ୍ରିୟଦର୍ଶିନୀ, ଆଲୋକ, ସ୍ୱପ୍ନଜିତ, ଜୟୀରାମ ମହାନ୍ତି, ନିଖିଳ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ଏମଏମସି ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଜି.ଉଦୟଗିରି, ୨୫/୦୪(ଆ.ପ୍ର) : ଜି.ଉଦୟଗିରି ସ୍ଥିତ ଏମ ଏମ ସି ଡାକ୍ତରଖାନା ରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି । ପ୍ରାୟ ୧୦୦ ରୁ ଊର୍ଦ୍ଧ ଲୋକ ଆସି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ମାଗଣା ସ୍ୱାସ୍ଥ୍ୟ ସେବା ସହ ରକ୍ତ ପରୀକ୍ଷା ଓ ଜିଛି ମେଡିସିନ ବି ମାଗଣା ମେଡିକାଲ ପକ୍ଷରୁ ପ୍ରଦାନ କରାଯାଉଥିଲା । ଏଥାକୁ ସମାଜସେବୀ ତଥା ଭାରତୀୟ ଜୀବନ ବୀମାର ପୂର୍ବତନ ନିର୍ଦ୍ଦେଶକ ବିବେକାନନ୍ଦ ପ୍ରଧାନ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ସାମଲପୁର ମେଡିକାଲର ବରିଷ୍ଠ ଡାକ୍ତର ଅଶିଷ କୁମାର ପ୍ରଧାନ ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଆଦିବାସୀ ଅଧୁଷିତ ଅଂଚଳରେ ଏହି ମାଗଣା ସ୍ୱାସ୍ଥ୍ୟ ସେବା ହୋଇଥିବାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଲୋକ ଆସି ସ୍ୱାସ୍ଥ୍ୟ ଶିବିର ରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଏହି ଅନୁଷ୍ଠାନର ସମ୍ପାଦକ ଆଲୋକ ରଞ୍ଜନ ନାୟକ, ବେନିଅନ ନାୟକ, ନର୍ସିଂ କଲେଜର ଅଧ୍ୟକ୍ଷା ଶ୍ରୋତି ନାୟକ, ଡ ବେଦରାଜ ଦାସ, ପ୍ରଦୀପ ନାୟକଙ୍କ ସମେତ ସମସ୍ତ ନର୍ସିଂ ଛାତ୍ରୀ ମାନେ ସହଯୋଗ କରିଥିଲେ । ଏହି ଅନୁଷ୍ଠାନର ମୁଖ୍ୟ ପରିଚାଳକ ଡ ପ୍ରଦୀପ କୁମାର ମଲିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଗାମୀ ଦିନରେ ଏପରି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା ।

ଦଶପଲ୍ଲାରେ ପଂଚାୟତିରାଜ ଦିବସ ପାଳିତ

ଦଶପଲ୍ଲା, ୨୫/୦୪(ଆ.ପ୍ର) : ଦଶପଲ୍ଲା ବ୍ଲକ ପରିସରରେ ଜାତୀୟ ପଂଚାୟତିରାଜ ଦିବସ-୨୦୨୬ ର ବ୍ଲକ ସ୍ତରୀୟ ସମାରୋହ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ବିଡିଓ ଶରତ କୁମାର ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁଲତାନ ପାସିଗ୍ରାହୀ ଯୋଗଦେଇଥିଲେ । ?ଆୟୋଜିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏଡିଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଦଶପଲ୍ଲା ଷ୍ଟାଫ୍ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଏଥି ସହିତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟମାନ, ପଂଚାୟତରାଜ ଅନୁଷ୍ଠାନର ପ୍ରତିନିଧି, ବିଭାଗୀୟ କର୍ମଚାରୀ ଓ ଜନସାଧାରଣ ସାମିଲ ହୋଇଥିଲେ । ସେମାନଙ୍କ ଅଭିଭାଷଣରେ ଗ୍ରାମୀଣ ଉନ୍ନତିରେ ଲୋକମାନଙ୍କ ସକ୍ରିୟ ସହଭାଗିତା ଏବଂ ସରକାରୀ ଯୋଜନାର ସମ୍ପୂର୍ଣ୍ଣ ରୂପାୟନ ଉପରେ ମତାମତ ରଖିଥିଲେ । ପଂଚାୟତରାଜ ବ୍ୟବସ୍ଥା ଦ୍ୱାରା ହିଁ ପ୍ରକୃତ ସ୍ୱରାଜ ଓ ଗ୍ରାମାଂଚଳର ସାମଗ୍ରିକ ବିକାଶ ସମ୍ଭବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

ବଣାଇଁରେ ଆଇନ ସଚେତନତା କାର୍ଯ୍ୟକ୍ରମ

ବଣାଇଁ, ୨୫/୦୪(ଆ.ପ୍ର) : ବଣାଇଁ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଆଶୁତୋଷ ଦାଶଙ୍କ ତତ୍ତ୍ୱାବଧାନରେ ବଣାଇଁ ସିଭିଲ କୋର୍ଟ ପରିସରରେ ଥିବା ସଭାଗୃହ ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ମନୁଷ୍ୟ ଓ ବନ୍ୟଜନ୍ତୁ ଲଙ୍ଘେଇର ଅବସାନ,ଯୌନ ଉତ୍ପୀଡନ ସୁରକ୍ଷା ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ସବ୍ ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସଡ଼ିଜେଏମ୍ ଅଜିତନନ୍ଦ ନନ୍ଦ, ଜେଏମଏଫସି କୋଢା ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ , ଶିଶୁ ବିକାଶ ସୁପରଭାଇଜର ଅରୁଣା ବାଳା ମିଶ୍ର, ରିଟେନର ମାନସ ରଞ୍ଜନ ପଟି, ବରିଷ୍ଠ ଆଇନଜୀବୀ ବିନୟ କୁମାର ଦାସ, ଧିରେନ୍ଦ୍ର କୁମାର ସାହୁ, ଝାଟେଶ୍ୱର ବେହେରା, ପ୍ରଭାତ କୁମାର ସାହୁ, ତନ୍ମୟିଳାଲ ପାତ୍ର, ଅର୍ଜୁନ କୁମାର ମାହାନ୍ତି, ପୋଲିସ , କୋର୍ଟ କର୍ମଚାରୀଙ୍କ ସହିତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ ।

ନାରୀ ବନ୍ଦନ ବିଲ୍‌କୁ ନେଇ ବୋଡ଼େନରେ ଯୁବ ବିଜେପିର ତୀବ୍ର ପ୍ରତିବାଦ

ବୋଡ଼େନ, ୨୫/୦୪(ଆ.ପ୍ର) : ନାରୀ ବନ୍ଦନ ବିଲ୍‌କୁ ଲୋକସଭାରେ ଙ୍ଗଗ୍ରେସ, ବିଜେଡି ଓ ସେମାନଙ୍କ ସହଯୋଗୀ ଦଳମାନଙ୍କ ଦ୍ୱାରା ବିରୋଧ କରାଯାଇଥିବାକୁ ନେଇ ଆଜି ନୂଆପଡା ଜିଲ୍ଲା ଯୁବ ବିଜେପି ତରଫରୁ ବୋଡ଼େନ ଠାରେ ତୀବ୍ର ପ୍ରତିବାଦ କରାଯାଇଛି । ନାରୀମାନଙ୍କ ଅଧିକାର ଓ ସଶକ୍ତିକରଣ ପାଇଁ ଏହି ବିଲ୍ ଅତ୍ୟନ୍ତ ଆବଶ୍ୟକ ବୋଲି ଉପସ୍ଥିତ ଭଉଣୀ ଓ ମାଆମାନେ ମତ ପ୍ରକାଶ କରିଥିଲେ । 'ଜନ ଆକ୍ରୋଶ ଯୁବ ବିକ୍ଷୋଭ' କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲା ଯୁବ ପ୍ରଭାରୀ ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିଜୁ ମହାନନ୍ଦ ଯୋଗଦାନ କରିଥିଲେ । ତାଙ୍କ ସହିତ ଜିଲ୍ଲା ବିଜେପି ଉପାଧ୍ୟକ୍ଷ ପ୍ରିୟ ରଞ୍ଜନ ମେହେର, ପାଦେଗଣ୍ଡୀ ମଣ୍ଡଳ ସଭାପତି ଭାଜୁ ହେମ୍ବା, ତୁଡାଦେଓ ମଣ୍ଡଳ ସଭାପତି କୃଷ୍ଣଦାସ ବେଳି, ବରିଷ୍ଠ ବିଜେପି ନେତା ମାନେଙ୍କ ଅନ୍ତର୍ଭୁକ୍ତ ସହ ବହୁତ ଯୁବକ ଓ ଭଉଣୀମାନେ ଉପସ୍ଥିତ ଥାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରତିବାଦକାରୀମାନେ ନାରୀ ବନ୍ଦନ ବିଲ୍‌କୁ ସମର୍ଥନ କରି ଏଇକୁ ବିରୋଧ କରୁଥିବା ଦଳମାନଙ୍କ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ । ଏହି ବିଲ୍ ନାରୀ ଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେମାନେ ଦୃଢ଼ତା ସହ କହିଥିଲେ ।

ଧଳାଜହର କବଳରେ ଯାଜପୁରର ଯୁବପିଢି
ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିଶାସକ୍ତ ଯୁବପିଢ଼ି ଚିରନିଦ୍ରାରେ ଅବକାରୀ ବିଭାଗ



ଯାଜପୁର, ୨୫/୦୪(ଆ.ପ୍ର) : ଯାଜପୁର ସହରରେ ଦ୍ରୁତନମୁଗାର କାରବାର ଦିନକୁ ଦିନ ଜଟିକ ହେବାରେ ଲାଗିଛି । ନିଶାସକ୍ତ ଅତଗ୍ରାରେ ଯୁବପିଢ଼ି ଦିନକୁ

ସୀମାହୀନ
ଆରମ୍ଭ
SEIMHO ARAMBHA
ରବିବାର, ୨୬ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଜଗତସିଂହପୁର ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଳିତ

ଜଗତସିଂହପୁର, ୨୫/୦୪(ଆ.ପ୍ର) : ଆଜି ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଂଚାୟତ ସମିତି ଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ମାନ୍ୟବର ଶିଳ୍ପ କ୍ଷମତା ବିକାଶ ଓ ବୈଜ୍ଞାନିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ବିନା ଦ୍ୱିଧାରେ ସମାଜର ତଳସ୍ତରରେ ଥିବା ଲୋକଙ୍କ ନିଜସ୍ତରେ ବିଭିନ୍ନ ଯୋଜନା ପହଂଚାଇବା ଆମ ସମ୍ମଙ୍କ ଗୁରୁଦାୟିତ୍ୱ । ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ଗାଁର ଉନ୍ନତି ହେଲେ ଦେଶର ଉନ୍ନତି ହୋଇ ପାରିବ । ଘର ନଥିବା ପ୍ରତ୍ୟେକ ଗରିବ ଲୋକଙ୍କୁ ବନ୍ଦମାତ ନିର୍ବିଶେଷରେ ଅନ୍ତଦ୍ୟୋୟ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଉଛି । ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ ମଧ୍ୟରେ ବକ୍ତବ୍ୟ ରଖିଲେ ଶାସନ ର ବିକେନ୍ଦ୍ରୀକରଣ ସହ ଗ୍ରାମାଂଚଳ ଗିରିଭୂମି ର ବିକାଶ ହୋଇପାରିଲେ ଦେଶର ବିକାଶ ସମ୍ଭବ । ପଂଚାୟତକୁ ଏକ ୟୁନିଟ ଭାବେ ନେଇ ବିକାଶ କରାଯାଉଛି । ପଂଚାୟତର ବିକାଶ କହିଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ବୁଝାଇଥାଏ । ମହିଳାଙ୍କ ବିକାଶ ହେଲେ ପରିବାରର ବିକାଶ ହୋଇପାରିବ । ଏହି ଉତ୍ସବରେ ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ଯୋଗଦେଇ କହିଲେ ପଂଚାୟତିରାଜ ବ୍ୟବସ୍ଥାରେ ମହିଳା ମାନଙ୍କୁ ଅଧିକ କ୍ଷମତା ଦିଆଯାଇ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇ ପାରୁଛି । ଅର୍ଥନୀତି ସୁଦୃଢ କରିବାକୁ ହେଲେ ମା' ମାନଙ୍କର ଅର୍ଥନୀତିକୁ ପ୍ରଥମେ ସୁଦୃଢ କରାଯିବା ଜରିତ୍ । ଦଳଗତ ନିର୍ବିଶେଷରେ ସମସ୍ତଙ୍କ ନିକଟରେ ଜନ ହିତକର ଯୋଜନା ପହଂଚାଇବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସଭାପତିତ୍ୱ କରିଥିଲେ ଶାସନ ର ବିକେନ୍ଦ୍ରୀକରଣ ସହ ଗ୍ରାମାଂଚଳ ଯୋଗଦେଇ ଗାଁର ବିକାଶ ରେ ଦେଶ ବିକାଶ ସମ୍ଭବ ବୋଲି କହିଥିଲେ । ଏହି ଉତ୍ସବରେ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କେ ସୋନାଲ ପଂଚାୟତିରାଜ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ ସହ ତୃଣମୂଳ ସ୍ତରରେ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ଉନ୍ନତି ନିମନ୍ତେ ପଂଚାୟତିରାଜ ସ୍ୱାସ୍ଥ୍ୟ ସାଧନ ବୋଲି କହିଥିଲେ । ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ପିଲୁ ସଭାରେ ଅଧ୍ୟକ୍ଷତା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଭା ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ଯୋଜନାରେ ଶ୍ରେଷ୍ଠ କାର୍ଯ୍ୟକ୍ଷମତା ପାଇଁ ବ୍ଲକ୍ ଓ ଗ୍ରାମ ପଂଚାୟତମାନଙ୍କୁ ସମ୍ମାନିତ କରାଯାଇଛି । ଗ୍ରାମ୍ୟ ଅଧିକାର କରିଥିବାବେଳେ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନରେ ରହିଛି । MGNREGS ଯୋଜନାରେ ବାଲିକୁଦା ବ୍ଲକ୍ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନ ପାଇଛି । SBM(G) ଯୋଜନାରେ ଲୁଚୁନଅପୁର ବ୍ଲକ୍ ପ୍ରଥମ ଏବଂ ବ୍ଲକ୍ଙ୍କ ବ୍ଲକ୍ ଦ୍ୱିତୀୟ ସ୍ଥାନରେ ରହିଛି । ଜୀବିକା ମିଶନ ରେ ତିର୍ତୋଲ ବ୍ଲକ୍ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ରକ୍ଷପଡ଼ି ଦିବି ସୃଷ୍ଟି ଯୋଜନାରେ ଲଗୁନଅପୁର ବ୍ଲକ୍ (୯୦% ଟାର୍ଗେଟ୍ ପୂରଣ) କରି ପ୍ରଥମ ଏବଂ ବାଲିକୁଦା ବ୍ଲକ୍ (୮୨% ଟାର୍ଗେଟ୍ ପୂରଣ) କରି ଦ୍ୱିତୀୟ ସ୍ଥାନରେ ରହିଛି । BGBO (Small Category) ରେ ତିତିଡି ବ୍ଲକ୍ ଓ BGBO (Large Category) ରେ ବ୍ଲକ୍ଙ୍କ ବ୍ଲକ୍ ପ୍ରଥମ ସ୍ଥାନରେ ରହିଛି । ଶ୍ରେଷ୍ଠ ପଂଚାୟତ ବିଭାଗରେ ବ୍ଲକ୍ଙ୍କ ବ୍ଲକ୍ ଅଧୀନ ନୂଆଗାଁ ଗ୍ରାମ ପଂଚାୟତ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ଆଦାୟ (୧,୨୦,୦୦୦ ଟଙ୍କା) କରି ପ୍ରଥମ ସ୍ଥାନ ଅଧିକାର କରିଛି । ସର୍ବାଧିକ ବ୍ୟୟ କରିଥିବା ଶ୍ରେଷ୍ଠ ଗ୍ରାମ ପଂଚାୟତ ଭାବେ ଜଗତସିଂହପୁର ବ୍ଲକ୍‌ର ସାମଙ୍ଗ ଗ୍ରାମ ପଂଚାୟତ ଚୟନ ହୋଇଛି । ଜଗତସିଂହପୁର ଜିଲ୍ଲାର ବିଜିନ୍ନ ବ୍ଲକ୍‌ର ଶ୍ରେଷ୍ଠ ଲକ୍ଷପତି ଦିଦି/ ମହାଲକ୍ଷପତି ଦିଦି ମାନଙ୍କୁ ଘଟଣକ୍ରମ ୨୦୨୬ ଅବସରରେ ସମ୍ମାନ ପାଇଁ ଚୟନ କରାଯାଇଛି । ଚୟନିତ ଲକ୍ଷପତି ଦିଦିମାନେ ହେଲେ:- ବାଲିକୁଦା ବ୍ଲକ୍‌ର ସବଳା ପାତ୍ର,ବିତିଡି ବ୍ଲକ୍‌ର ଉଣ୍ଣୁତି ସାହୁ,ଏରସମା ବ୍ଲକ୍‌ର ଉଷାରାଣୀ ମହାନ୍ତି,ଜଗତସିଂହପୁର ବ୍ଲକ୍‌ର ଗଙ୍ଗୋତ୍ରୀ ମଲ୍ଲିକ, କୁଇଙ୍କ ବ୍ଲକ୍‌ର ତିଲୋତ୍ତମା ମାଝି, ନାଉଗାଁ ବ୍ଲକ୍‌ର ସଞ୍ଜୁକ୍ତା ଦାସ,ଲୁଚୁନଅପୁର ବ୍ଲକ୍‌ର ବିଜୟଲକ୍ଷ୍ମୀ ମହାପାତ୍ର,ତିର୍ତୋଲ ବ୍ଲକ୍‌ର ମମତା ପୁଜାରୀ । ଅନୋଦୟ ଗୃହ ଯୋଜନାର ହିତାଧିକାରୀ ଙ୍କୁ କାର୍ଯ୍ୟାଦେଶ ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବେମୁଡୀ ସି ଲି ଓ ଓରମାଳ, ବିଡ଼ିଓ ତିର୍ତୋଲ ତଥା ଏ ପି ଡି ଜିଲ୍ଲା ପରିଷଦ ଗିରିଜା ଶଙ୍କର ମଲ୍ଲିକ୍, ବିଡ଼ିଓ ଜଗତସିଂହପୁର ଅଶୁତୋଷ ମିଶ୍ର, ଜିଲ୍ଲା ପରିଷଦର ସମସ୍ତ କର୍ମଚାରୀ, ଜଗତସିଂହପୁର ବ୍ଲକ୍ କର୍ମଚାରୀ, ସହରର ବୁଦ୍ଧିଜୀବି, ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ସିଆରପିଏଫ୍ ୬୪ତମ ବଟାଲିୟନ୍ ପକ୍ଷରୁ 'ଟିବି ମୁକ୍ତ ଭାରତ ଅଭିଯାନ'ରେ ସଚେତନତା କାର୍ଯ୍ୟକ୍ରମ

କଳାହାଣ୍ଡି, ୨୫/୦୪(ଆ.ପ୍ର) : ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧୀନରେ, ସିଆରପିଏଫ୍ ଓଡିଶା ସେକ୍ଟର ନିର୍ଦ୍ଦେଶନାୟ ୬୪ତମ ବଟାଲିୟନ୍‌ଦ୍ୱାରା 'ଟିବି ମୁକ୍ତ ଭାରତ ଅଭିଯାନ' ସନ୍ଦର୍ଭରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଶ୍ୱ କ୍ଷୟ ଦିବସ ୨୦୨୬ ଅବସରରେ ଆରମ୍ଭ ହୋଇଥିବା ୧୦୦ ଦିନିଆ ଅଭିଯାନ ଅନୁଷ୍ଠାନର ଅଂଶ ଭାବେ ୨୪ ଏପ୍ରିଲ୍ ତାରିଖରେ କାର୍ଯ୍ୟାଳୟ ଓ ସ୍ୱାକ୍ଷିତ ଇଲେକ୍‌ଟ୍ରନିକ୍‌ରେ IEC ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଅଧିକାରୀ ଓ କର୍ମଚାରୀମାନଙ୍କୁ କ୍ଷୟରୋଗ (ଟିବି) ସମ୍ପର୍କରେ ସଚେତନ କରିବା, ସ୍କ୍ରିନିଂ ଓ ସଚେତନତା କାର୍ଯ୍ୟକଳାପକୁ ସୁଚାରୁ ଭାବେ ଆୟୋଜନ କରିବା ସହ ଆଣ୍ଟି-ଟିବି ସପ୍ତାହ ଗୁଡ଼ାଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବସରରେ ଅନୁଜ କୁମାର, କମାଣ୍ଡାଂଟ, ୬୪ତମ ବଟାଲିୟନ୍; ଡା. ଏସ୍.ଡି. ନାଗା ମାଲେଶ୍ୱର ରାଓ, CMO (OG) ଓ ସେକେଣ୍ଡ କମାଣ୍ଡିଂ ଅଫିସର; ଜିତ ବହାନ ଓରାଁ, ଡେପୁଟି କମାଣ୍ଡାଂଟ; ଡା. ଅନିରାଣ ଉଷସେନା, ଗଣ ପଲ୍ଲୋନାରୀ, SMM (MCH), ଲବାନୀପାଟଣା ସହ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ସେମାନେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଟିବି ସଚେତନତା, ରୋଗ ପ୍ରତିରୋଧ ଓ ସମୟୋପଯୋଗୀ ଚିକିତ୍ସାର ଗୁରୁତ୍ୱ ବିଷୟରେ ବିସ୍ତୃତ ଅବହିତ କରିଥିଲେ । ଶେଷରେ, ବିଶ୍ୱ କ୍ଷୟ ଦିବସ (୨୪ ମାର୍ଚ୍ଚ ୨୦୨୬) ଅବସରରେ ଅନୁଜ କୁମାରଙ୍କ ଦ୍ୱାରା 'ଟିବି ମୁକ୍ତ ଭାରତ ଅଭିଯାନ'ର ଔପଚାରିକ ଶୁଭାରମ୍ଭ ହୋଇଥିବା ସୂଚନା ମିଳିଛି ।

ବିଜେଡି ବ୍ଲକ ସଭାନେତ୍ରୀ ହେଲେ ମମତାରାଣୀ ଗୋପାଳ



ଧର୍ମଗଡ଼, ୨୫/୦୪(ଆ.ପ୍ର) : ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟର ବିଜିନ୍ନ ବ୍ଲକ୍‌ର ମହିଳା ବିଜୁ ଜନତାଦଳ ମହିଳା ଶାଖାର କର୍ମକର୍ତ୍ତା ନିଯୁକ୍ତି କରାଯାଇଛି । ଏହି ତାଲିକା ରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ ଦେଖାଯାଇ ଗ୍ରାମ ପଂଚାୟତ ପୂର୍ବତନ ସମିତି ସଭ୍ୟା ତଥା ଡିଏମ୍ ନେତ୍ରୀ ମମତାରାଣୀ ଗୋପାଳ ନିଯୁକ୍ତି ହୋଇଛନ୍ତି । ଧର୍ମଗଡ଼ର ଉଦୟମାନ ଯୁବ ମହିଳା ନେତୃତ୍ୱ କରୁଥିବା ନେତ୍ରୀ, ବିଜୁ ଜନତାଦଳର ଜଣେ ସମର୍ପିତ ଯୁବ ନେତ୍ରୀ ହେବେରା ହୋଇଥିବା ବେଳେ ଜଣେ ସମାଜସେବୀ ଭାବେ ମଧ୍ୟ ଜିଲ୍ଲାରେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛନ୍ତି । ପୂର୍ବରୁ ମଧ୍ୟ ତାଙ୍କୁ ଦଳ ପକ୍ଷରୁ ଦିଆଯାଇଥିବା ଦାୟିତ୍ୱ ସେ ସୁଚାରୁ ରୂପେ ସମ୍ପାଦନ କରିଛନ୍ତି ବର୍ତ୍ତମାନ ତାଙ୍କୁ ଧର୍ମଗଡ଼ ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀ ଭାବେ ନିଯୁକ୍ତି ଦେଇସାରିଛି ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜିଲ୍ଲା ସଭାପତି ପ୍ରଦୀପ ପିସାରି ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ପୂର୍ବତନ ବିଧାୟକ ମୌଷଧି ବାଗ, ଧର୍ମଗଡ଼ ବ୍ଲକ ସଭାପତି ତାଳେଶ୍ୱର ଲଙ୍କଜଳ, ରାଜ୍ୟ ବିଜେଡି ମହିଳା ସଂଘ ସାଧାରଣ ସଂପାଦିକା ଭାରା ବାଗଙ୍କ ସମେତ ଦଳୀୟ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଶନିଶ୍ଚର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ



ତାଳଚେର, ୨୫/୦୪(ଆ.ପ୍ର) : ତାଳଚେର ବ୍ଲକ୍ ଅନ୍ତର୍ଗତ ଏମଏଏଚକେ ହିଙ୍ଗୁଳା ଏରିଆ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ଗୁହରାଜ ଶନିଶ୍ଚର ମହାପ୍ରଭୁଙ୍କର ମନ୍ଦିରରେ ଶୋନଦଶମୀ କାର୍ତ୍ତିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟାଳୟର କର୍ମଚାରୀ ପଦିତ୍ର ସାମଲ ଏବଂ କାଳିଆ ଦେବେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଯଜ୍ଞ କାର୍ଯ୍ୟକ୍ରମରେ ଚଂଚଳା ସାହୁ, ଇବାଳୀ ଦାସ, ଚାଇନା ବେହେରା, ଝୁମ୍ପକା ବେହେରା, ଝୁମ୍ପମା ବିଶ୍ୱାଳ, ଲିଲି ସ୍ୱାଇଁ ଏବଂ ମିନତୀ ଉଡ଼ନାୟକ ସମେତ ଅନ୍ୟ ମହିଳା ଭକ୍ତମାନେ ଅଂଶଗ୍ରହଣ କରିଥିଲେ । ବିଜିନ୍ନ ଅଂଚଳରୁ ଆସିଥିବା ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭଜନ ପରିବେଶ କରାଯାଇଥିଲା । ଏଥିରେ ଉପସ୍ଥିତଥିବା ସାଧୁସନ୍ତ ମାନଙ୍କୁ ଉତରୀୟ ଦେଇ ସମ୍ମାନିତ କରାଯାଇ ଥିବା ବେଳେ ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ପ୍ରାୟ ତିନି ହଜାର ଭକ୍ତ ଭୋଜନ କରିଥିଲେ । ହିଙ୍ଗୁଳା ଏରିଆ ମହାପ୍ରବନ୍ଧକ ଫୁଟାଳ ଯୋଶୀ ଆଗତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଶୀର୍ବାଦ କାମନା କରିଥିଲେ । ତେବେ ପ୍ରତି ବର୍ଷ ଏହି କାର୍ଯ୍ୟକ୍ରମକୁ ଜାରି ରଖାଯିବ ବୋଲି ଆୟୋଜକ ମଣ୍ଡଳୀ ପ୍ରକାଶ କରିଛନ୍ତି ।

କାକଟପୁର ମଲାମାଛ ନିକଟରେ ଦିନ ଦିପହରେ ଗୁଣ୍ଡାରାଜ୍ ଦୋକାନୀଙ୍କୁ ଦାଆ ଓ କାଚ ବୋତଲ ଦେଖାଇ ଧମକ

କାକଟପୁର, ୨୫/୦୪(ଆ.ପ୍ର) : ପୁରୀ ଜିଲ୍ଲା କାକଟପୁର ଥାନା ଅଧିନ ମଲାମାଛ ନିକଟରେ ଦିନ ଦିପହରେ ଖୋଲାମ ଖୁଲା ଗୁଣ୍ଡାରାଜ୍ ଚାଲିଥିବା ଘଟଣା ଏବେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଦୁଇ ଯୁବକ ହାତରେ ଦାଆ ଓ କାଚ ବୋତଲ ଧରି ଏକ ସ୍ଥାନୀୟ ଦୋକାନୀଙ୍କୁ ଧମକ ଦେଇ ଆତଙ୍କ ସୃଷ୍ଟି କରିଥିବା ଦେଖା ଦେଇଛି । ସୂଚନା ଅନୁଯାୟୀ, ଉକ୍ତ ଯୁବକମାନେ ଦୋକାନରେ ପହଂଚି ଜବରଦସ୍ତି ବିଭିନ୍ନ ଓ ବାକିରେ ପେଟ୍ରୋଲ ମାଗୁଥିଲେ । ଦୋକାନୀ ଏହାକୁ ବିରୋଧ କରିବାରୁ ସେମାନେ ଉତ୍ତେଜିତ ହୋଇ ଅଣ୍ଟାର ରାସ୍ତାରେ ଗାଳିଗୁଳଜ କରିବା ସହ ଦାଆ ଓ କାଚ ବୋତଲ ଦେଖାଇ ଭୟଗ୍ରସ୍ତ କରିଥିବା କୁହାଯାଇଛି । ଘଟଣା ସମୟରେ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଭୟଭୀତ ହୋଇପଡିଥିବା ବେଳେ, ଅଂଚଳରେ କିଛି ସମୟ ପାଇଁ ଟିକ୍ ଉତେଜନା ସୃଷ୍ଟି ହୋଇଥିଲା । ଏପରି ଦିନ ଦିପହରେ ଆଇନକୁ ଚ୍ୟାଲେଞ୍ଜ କରି ଅସାମାଜିକ କାର୍ଯ୍ୟକଳାପ ଚାଲିଥିବାରୁ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି । ଏହି ଘଟଣାରେ ଜଡିତ ଯୁବକମାନଙ୍କ ବିରୋଧରେ ତୁରନ୍ତ କଠୋର ପୋଲିସ କାର୍ଯ୍ୟନୁଷ୍ଠାନ ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି ।

ଜାତୀୟ ପଂଚାୟତିରାଜ ଦିବସ ପାଳିତ : ଉପଲଡା ପଂଚାୟତ ଶ୍ରେଷ୍ଠ ପଂଚାୟତ ଘୋଷିତ

ପାରଳାଖେମୁଣ୍ଡି, ୨୫/୦୪(ଆ.ପ୍ର) : ଗଜପତି ଜିଲ୍ଲା ତରଫରୁ ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପଂଚାୟତ ଅଧ୍ୟକ୍ଷା ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଗୋବିନ୍ଦା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ତଥା ଜିଲ୍ଲା ପରିଷଦର ସଭାପତି ଲାବଣ୍ୟ ଚିଲୁପଡି ଲାଓ, ଜିଲ୍ଲା ପରିଷଦର ମୁଖ୍ୟ ଜନ୍ନୟନ ଅଧିକାରୀ ଦୟାମୟୀ ପଢୀ, ଗୋଷାଣି ବ୍ଲକର ଅଧ୍ୟକ୍ଷ ଏନ୍.ବିରାଜୁଲୁ, ବିଡିଓ ଗୋରାବାଦ ପଟ୍ଟନାୟକ, ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଲାମଦେବ ଗଡନାଏକ, ଉପାଧ୍ୟକ୍ଷା ସଂକଳିନି ଦଳାଲ, ଜିଲ୍ଲା ପରିଷଦର ସଦସ୍ୟସ୍ୟ ଏସ୍.ବାଲରାଜୁ ସମ୍ମାନିତ ଅତିଥି ରୂପେ ମଂଚାସୀନ ଥିଲେ । ବର୍ତ୍ତମାନେ ୧୯୯୨ ମସିହା ଏପ୍ରିଲ ୨୪ ତାରିଖରେ ଅନୁମୋଦିତ ୭୩ତମ ସମ୍ବିଧାନ ସଂଶୋଧନ ଉପରେ ବିଶ୍ଳେଷଣ କରିଥିଲେ । ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାର ସମୀକ୍ଷଣରୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଜିଲ୍ଲାରେ ଚାଲୁଥିବା ବିଜିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ମଂଚସ୍ଥ ପ୍ରତିନିଧିଙ୍କ ଭୂମିକା ସ୍ୱଚ୍ଛତା ଓ ଉତରଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଜିନ୍ନ ବର୍ଗରେ ସଫଳତା ହାସଲ କରିଥିବା ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବିଜିନ୍ନ ଯୋଜନାକୁ ସଫଳ ରାରେ ରୂପାୟନ କରିଥିବା ଗୋଷାଣି ବ୍ଲକର ଉପଲଡା ପଂଚାୟତକୁ ତିନୋଟି ପୁରସ୍କାର ମିଳିଥିଲା । ଏହି ପଂଚାୟତର ସରପଂଚ ଡି. ତ୍ରିଲୋଚନୀଙ୍କୁ ଅତିଥି ମାନେ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଏଏମ ଡିପିଏମ ଡିମନ ଦୋରା , ଜିଲ୍ଲା ସଂସ୍କୃତି ଗୁଣ୍ଡା ଅଧିକାରୀ ଅର୍ଜନା କୁମାରୀ ମଙ୍ଗରାଜ ତଥା ଅନ୍ୟାନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ମୋହନ ପଟ୍ଟନାୟକ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣ କରିବା ନିମନ୍ତେ ପାରଳାଖେମୁଣ୍ଡିର ଅରୁଣୀ ନୃତ୍ୟ ଅନୁଷ୍ଠାନ ପରମ୍ପରା ନୃତ୍ୟାୟନ ଓ ସମାଜର ନୃତ୍ୟକଳା ପରିଷଦର କଳାଳାର ମାନଙ୍କ ଦ୍ୱାରା ଲଙ୍ଗାଲଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଉକ୍ତ ଦିବସରେ ବିଜିନ୍ନ ବିଭାଗ ତରଫରୁ ଷ୍ଟଲ୍ ପ୍ରଦର୍ଶନୀ କରାଯାଇଥିଲା ।

ଛତିଆ ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟ ଜଳ ପ୍ରଦାନ

ଛତିଆ, ୨୫/୦୪(ଆ.ପ୍ର) : ଛତିଆ ଅଂଚଳରେ ପ୍ରସିଦ୍ଧ ସ୍ଥାନୀୟ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଅବସ୍ଥିତରେ ଅବସ୍ଥିତ ପ୍ରସିଦ୍ଧ ପ୍ରଭୁ ଶନି ଦେବଙ୍କୁ ଜଳ ଲାଗି କରିବାକୁ ଗାଳୁକ ନୋଖ ଅନୁଳୋଶରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ । ବିଶେଷକରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଜଳୌକା ପର୍ବତର ପାଦଦେଶରେ ପ୍ରଭୁ ଶନି ଦେବଙ୍କ ଦର୍ଶନ ପାଇଁ ଦୁଇ ଦିନ ପୂର୍ବରୁ ଶ୍ରଦ୍ଧାଳୁଙ୍କ ଆଗମନ ହେବା ସହ ଦୋକାନ ବଜାର ଜମି ଉଠିଥାଏ । ପ୍ରବଣ୍ଡ ଖରାରେ ଯେପରି ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ସ୍ଥାନୀୟ ପ୍ରଶାସନ ଓ ଅଧିକାରୀମାନେ ଶେଣ୍ଢ ଯତ୍ନବାଦ୍ ହୋଇଥାନ୍ତି । ତେବେ ଶନିବାର ଦିନ ଶ୍ରଦ୍ଧାଳୁଙ୍କ ପାଇଁ ସ୍ଥାନେ ସ୍ଥାନେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇଥିବା ବେଳେ ଛତିଆ ପେଶାଦାର ସାମ୍ବାଦିକ ସଂଘ ପକ

ପ୍ରତିଦିନର
ଆରମ୍ଭ
SEITHO ARAMBHA

ରବିବାର, ୨୬ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟ୍‌ରେ ପରାସ୍ତ କଲା ପଞ୍ଜାବ କିଙ୍ଗ୍‌ସ

ନୂଆଦିଲ୍ଲୀ, ୨୫/୪(ନ୍ୟୁ.ଏ): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୫ତମ ମ୍ୟାଚରେ ରନ୍ ବର୍ଷା ହୋଇଛି । ପ୍ରାକୃତିକ ଅରୁଣ ଜେଟଲୀ ଷ୍ଟାଡିୟମରେ ଆୟୋଜକ ଦିଲ୍ଲୀ କ୍ୟାପିଟାଲ୍‌କୁ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟ୍‌ରେ ପରାସ୍ତ କରିଛି । ଏଠାରେ ପଞ୍ଜାବ ୧୮.୫ ଓଭରରେ ୪ଟି ୱିକେଟ ହରାଇ ୨୬୫ ରନ୍ କରିଛି । ଏହି ବିଜୟ ସହିତ ପଏଂଟ ଟେବୁଲରେ ପଞ୍ଜାବ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛି । ଚଳିତ ଆଇପିଏଲ୍ ଟୁର୍ଣ୍ଣାମେଂଟରେ ପଞ୍ଜାବ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳିଛି ଏବଂ ଏଥିରୁ ୬ଟିରେ ବିଜୟ ହାସଲ କରିଛି । କୋଲକାତା ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା । ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଞ୍ଜାବ ବ୍ୟାଟିଂ କରିଥିଲା । ଦଳର ପ୍ରାରମ୍ଭିକ ବ୍ୟାଟିଂ ଜୁଟିକେଟ୍‌ପ୍ରେମୀଙ୍କୁ ଉତ୍ସାହିତ କରିଥିଲା । ଏକଦା ଦଳ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସଂଗ୍ରହ କରିଥିଲା । ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ପାଇଁ ୧୨୬ ରନ୍‌ର ଭାଗିଦାରୀ କରିଥିଲେ । ପଞ୍ଜାବକୁ ୬.୫ ଓଭରରେ ପ୍ରଥମ ଝଟକା ଲାଗିଥିଲା । ଆଉଟ୍ ହେବା ପୂର୍ବରୁ ପ୍ରିୟାଂଶ ଏଲାଞ୍ଚା ୪୩ ରନ୍ ସଂଗ୍ରହ କରିଥିଲେ । ସେ ୧୭ଟି ବଲ୍ ଖେଳି ୨ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ବିସ୍ଫୋରକ ବ୍ୟାଟର ପ୍ରଭସିମରନ । ସେ ୨୬ଟି ବଲ୍‌ର ସାମ୍ନା କରିଥିଲେ ଏବଂ ୭୬ ରନ୍ ସଂଗ୍ରହ କରିଥିଲା । ପ୍ରାରମ୍ଭିକ ବ୍ୟାଟିଂ ଜୁଟି ଦିଲ୍ଲୀ ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ସଫଳ ରଣନୀତି କରି ନିର୍ଦ୍ଧାରିତ ୨୦ ଓଭରରେ ୨ଟି ୱିକେଟ୍ ହରାଇ ୨୬୪ ରନ୍ ସଂଗ୍ରହ କରିଥିଲା । ଏହି ମ୍ୟାଚରେ ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ଯଦିଓ ସାମାନ୍ୟ ପ୍ରଭାବିତ ହୋଇଥିଲା, ପରବର୍ତ୍ତୀ ସମୟରେ ଦଳର କୋର୍ଟ ସମାଜି ଥିଲେ କେଏଲ୍ ରାହୁଲ ଏବଂ ନିତିଶ ରାଣା । କ୍ରିକେଟ୍‌ପ୍ରେମୀମାନେ କେଏଲ୍ ରାହୁଲଙ୍କୁ ନିଶ୍ଚିତ ଭାବେ ମନେ ରଖିବେ । ପଞ୍ଜାବ ବିପକ୍ଷରେ ଆଜି କେଏଲ୍ ରାହୁଲ ଯେଉଁଭଳି ଭାବେ ବ୍ୟାଟିଂ କଲେ, ତାହା ଅଦ୍ଭୁତ ରହିଛି । ଅପରାଜିତ ରହି ସେ ୧୫୨ ରନ୍ ସଂଗ୍ରହ କରିଛନ୍ତି । ୬୭ଟି ବଲ୍‌ର ସାମ୍ନା କରି ୨୨୬.୮୭ ହାରରେ ସେ ବ୍ୟାଟିଂ କରିଛନ୍ତି । ଏଥିରେ ସେ ୧୬ଟି ଚୌକା ଏବଂ ୯ଟି ଛକା ସାମିଲ କରିଛନ୍ତି । ଦିଲ୍ଲୀ ପାଇଁ ପ୍ରଥମ ୱିକେଟ୍‌ରେ ପାଥୁମ ନିଶଙ୍କା ଏବଂ କେଏଲ୍ ରାହୁଲ ୨୮ ରନ୍ ସଂଗ୍ରହ କରିଥିଲେ । ନିଶାଙ୍କ ୭ଟି ବଲ୍ ଖେଳି ବ୍ୟକ୍ତିଗତ ଭାବେ ୧୧ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ସେ ୨ଟି ଚୌକା ସାମିଲ କରିଥିଲେ । କିନ୍ତୁ ଦିଲ୍ଲୀ ୨ୟ ୱିକେଟରେ ୨୨୦ ରନ୍‌ର ଭାଗିଦାରୀ କରିଥିଲା । ଏହାକୁ ସମ୍ଭବ କରିଥିଲେ କେଏଲ୍ ରାହୁଲ ଏବଂ ନିତିଶ ରାଣା । ପଞ୍ଜାବ ୨ୟ ୱିକେଟ ଭାଙ୍ଗେଁ ନିତିଶ ରାଣାଙ୍କୁ ଆଉଟ୍ କରିଥିଲା । ରାଣା ୪୪ଟି ବଲ୍ ସାମ୍ନା କରିଥିଲେ । ସେ ୧୧ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ରାଣା ଆଉଟ୍ ହେବା ପରେ ତାଙ୍କର ସ୍ଥାନ ପୂରଣ କରିବାକୁ ଡେଭିଡ ମିଲର ପଡ଼ିଆକୁ ପ୍ରବେଶ କରିଥିଲେ ।

ବନ୍ଧୁକଚାଳନା କନିଷ୍ଠ ବିଶ୍ୱକପ୍: ବିଶ୍ୱ ରେକର୍ଡ ସହ ଶମ୍ଭାବୀ-ଦିବ୍ୟାଂଶୁଙ୍କୁ ସ୍ୱର୍ଣ୍ଣ

ଲାଇଗୋ, ୨୫/୪(ନ୍ୟୁ.ଏ): ଭାରତର ୧୦ ମିଟର ରାଇଫଲ ମିଶ୍ରିତ ଯୁଗଳ ଦଳ ଶମ୍ଭାବୀ ଖାରସାଗର ଓ ଦିବ୍ୟାଂଶୁ ସିଂହଗୁଣ୍ଡ ବିଶ୍ୱ ରେକର୍ଡ ସ୍ କୋର ସହ ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଶୁକ୍ରବାର ଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ୪୯୯.୦ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିଲେ । ଚାଇନିଜ୍ ତାଇପେରର ସାଇ ଚିଏ-ଜିଙ୍ଗ ସ ଚେନ୍ ୟୁ-ଆନ୍ (୪୯୮.୩) ରୌପ୍ୟ ଏବଂ ଫ୍ରାନ୍ସ ଯୋଡ଼ି ଡିଫେନ ପୋମେସ ଓ ଜାସପାର୍ଟ ଲିଜର (୪୩୪.୪) ଜାଂସ୍ୟ ଜିତିଥିଲେ । ଭାରତୀୟ ଯୋଡ଼ି ଯୋଗାଡ଼ା ପର୍ଯ୍ୟାୟରେ ୬୩୨.୦ ସ୍କୋର ସହ ଶୀର୍ଷରେ ରହି ଫାଇନାଲ୍‌ରେ ପହଂଚିଥିଲେ । ୨୫ ମିଟର ରାପିଡ୍ ପୀୟର ପିସ୍ତଲ ପୁରୁଷ ଯୋଗାଡ଼ା ପର୍ଯ୍ୟାୟରେ ୫୭୩ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍‌ରେ ପହଂଚିଥିଲେ । ହେଲେ ଫାଇନାଲ୍‌ରେ ଷଷ୍ଠମ ସ୍ଥାନରେ ରହି ପଦକରୁ ବଂଚିତ ହୋଇଥିଲେ । ସଂପ୍ରତି ଭାରତ ଏହି ପ୍ରତିଯୋଗିତାରେ ୧୨ (୪ ସ୍ୱର୍ଣ୍ଣ, ୫ ରୌପ୍ୟ, ୩ ଜାଂସ୍ୟ) ପଦକ ସହ ଶୀର୍ଷରେ ରହିଛି । ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାର ମାନ୍ୟତା ସିଂହ ୧୦ ମିଟର ଏୟାର ରାଇଫଲ୍ ଯୋଗାଡ଼ା ପର୍ଯ୍ୟାୟରେ ୬୨୮.୩ ସ୍କୋର କରିଥିଲେ ମଧ୍ୟ ଫାଇନାଲ୍‌ରେ ପହଂଚିବାରେ ବିଫଳ ହୋଇଥିଲେ ।

ବାରବାଟୀ ଷ୍ଟାଡିୟମକୁ ଏନଜିଟି ନୋଟିସ୍

କଟକ, ୨୫/୪ (ଆ.ପ୍ର) : କଟକର ଐତିହାସିକ ବାରବାଟୀ ଷ୍ଟାଡିୟମକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ବା ଏନଜିଟି ନୋଟିସ୍ । ଭୂତଳ ଜଳ ଅପବ୍ୟବହାର ଅଭିଯୋଗରେ ବାରବାଟୀ ସହିତ ଦେଶର ୬ଟି କ୍ରିକେଟ ଷ୍ଟାଡିୟମକୁ ଏନଜିଟି ନୋଟିସ ଜାରିକରିଛି । ବିନା ଏନଓସିରେ ପିଚ୍ ରକ୍ଷଣାବେକ୍ଷଣ ପାଇଁ ଭୂତଳ ଜଳର ଅପବ୍ୟବହାର ହେଉଥିବା ଲହିଛନ୍ତି ଏନଜିଟି । ଜଳ ସଂରକ୍ଷଣ ସମ୍ବନ୍ଧୀୟ ନିର୍ଦ୍ଦେଶ ପାଳନ ନ କରିବା ଓ ଆବଶ୍ୟକ ସୂଚନା ନଦେବା ଅଭିଯୋଗରେ ଗତ ୧୬ ତାରିଖରେ ବାରବାଟି ସମେତ ୬ଟି ଷ୍ଟାଡିୟମକୁ ନୋଟିସ୍ ଜାରି କରାଯାଇଛି । ନୋଟିସ୍ ପାଇଥିବା ୬ଟି କ୍ରିକେଟ ଷ୍ଟାଡିୟମ ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମ ବ୍ୟତୀତ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ, ରାୟପୁରର ସହିଦ ବୀର ନାରାୟଣ ସିଂହ ଇଂଟରନ୍ୟାସନାଲ୍ ଷ୍ଟାଡିୟମ୍, ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମ୍, ନଭି ମୁମ୍ବାଇର ଡକ୍ଟର ଡିଓ୍ୱାଇ ପାଟିଲ୍ ଷ୍ଟାଡିୟମ୍ ଓ ଲକ୍ଷ୍ନୌର ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମ୍ ରହିଛି । ଏହି ଷ୍ଟାଡିୟମ୍ ଗୁଡ଼ିକର ସମସ୍ତ ଲାଇସେନ୍ସ ଲାଇନ୍‌ଡ ଦଳ କରାଯିବ ନାହିଁ, ତାହାର ଜବାବ ରଖିବାକୁ ଏନଜିଟି ନୋଟିସରେ କହିଛନ୍ତି । ଆବେଦନକାରୀଙ୍କ ଯୁକ୍ତି ଅନୁସାରେ, ଏହି ଛଅଟି ଷ୍ଟାଡିୟମରେ ସମସ୍ତ କାର୍ଯ୍ୟକଳାପ ବନ୍ଦ କରିବା ଉଚିତ୍ । ଷ୍ଟାଡିୟମରେ ଲୌକିସି କ୍ରୀଡ଼ା କାର୍ଯ୍ୟକଳାପକୁ ଅନୁମତି ଦିଆଳ ଯିବା ଉଚି । ଜାରଣ ସେମାନେ ପିଚ୍ ଓ ଗ୍ରାଉଣ୍ଡ ରକ୍ଷଣାବେକ୍ଷଣ ପାଇଁ ଭୂତଳ ଜଳକୁ ମନଇଚ୍ଛା ବ୍ୟବହାର କରୁଛନ୍ତି । ପ୍ରତିକ୍ରିୟାକୃତ ଜଳ ବ୍ୟବହାର ଲିୟା ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା କରୁନାହନ୍ତି । ଫଳରେ ପାନୀୟ ଜଳ ଗୁରୁତର ଭାବେ ପ୍ରଭାବିତ ହେଉଛି ବୋଲି ଆବେଦନକାରୀ ଯୁକ୍ତି ଉପସ୍ଥାପନ କରିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଥିବା ୨୬ଟି ଷ୍ଟାଡିୟମ୍ ମଧ୍ୟରୁ ୨୪ଟିରେ ବୋରୱେଲ୍ ରହିଥିବା ବେଳେ ମାତ୍ର ଚାରିଟିରେ ଆବଶ୍ୟକ ଏନଓସି ରହିଛି । କାଳି ସମସ୍ତେ ମନଇଚ୍ଛା ଭୂତଳ ଜଳକୁ ବ୍ୟବହାର କରୁଥିବା ଆବେଦନର ଲାଗୁେଛ ରହିଛି । ଏବେ ଷ୍ଟାଡିୟମ ପଛକୁ ଏଥର ଜବାବରେ କ'ଣ କୁହାଯାଇଛି, ତା' ଉପରେ ନଜର ରହିଛି ।

ଖସିଲା ରାଘବଙ୍କ ଲୋକପ୍ରିୟତା, ଇନଷ୍ଟାଗ୍ରାମରେ କମିଲା ୧୦ ଲକ୍ଷ ଫଲୋୟର

ନୂଆଦିଲ୍ଲୀ, ୨୫/୪ (ଆ.ପ୍ର) : ଆମ ଆଦମୀ ପାର୍ଟି (ଆପ) ଛାଡି ବିଜେପିରେ ଯୋଗ ଦେଇଥିବା ରାଘବ ଚଢାଙ୍କ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି । ଦିଲ୍ଲୀ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆଣିବା ପରେ ତାଙ୍କ ଲୋକପ୍ରିୟତାକୁ ଲାଗିଛି ବଡ଼ ଝଟକା । ଚଢା କେବଳ ନିଜେ ବିଜେପିରେ ଯୋଗ ଦେଇ ନଥିଲେ ବରଂ ଛଅ ଜଣ ଆପ ରାଜ୍ୟସଭା ସାଂସଦଙ୍କୁ ମଧ୍ୟ ସାଙ୍ଗରେ ନେଇ ଯାଇଥିଲେ, ଯାହା ଫଳରେ କେଜରିୱାଲଙ୍କ ଦଳ ପାଇଁ ତାଙ୍କ ନିଜସ୍ୱ ଗୋଷ୍ଠୀ ପରିଚାଳନା କରିବା କଷକର ହୋଇପଡ଼ୁଛି । ବିଜେପିରେ ଯୋଗଦେବାର ଏହି ନିଷ୍ପତ୍ତି ଯୁବପିଢ଼ିଙ୍କୁ, ବିଶେଷକରି 'ଜେନ୍-ଜି'ଙ୍କୁ ପସନ୍ଦ ଆସୁନାହିଁ । ରାଜ୍ୟସଭାର ଉପନେତା ପଦରୁ ତାଙ୍କୁ ହଟାଇବା ପରପାରୁ ତାଙ୍କର ବଡ଼ ପରିବର୍ତ୍ତନ ବିଷୟରେ ଆଲୋଚନା ହେଉଥିଲା, କିନ୍ତୁ ଇଂଟରନେଟ୍ ଦୁନିଆ ଏହାକୁ ସହାରାତ୍ମକ ଭାବରେ ନେଇନାହିଁ । ଆଜିର ଡିଜିଟାଲ୍ ଯୁଗରେ, ସୋସିଆଲ ମିଡିଆ ଫଲୋଅର୍ସଙ୍କୁ ଜଣେ ନେତାଙ୍କ ଲୋକପ୍ରିୟତାର ମାପକ ଭାବରେ ବିବେଚନା କରାଯାଏ । ତଥ୍ୟ ଅନୁଯାୟୀ, ବିଜେପିରେ ଯୋଗଦେବାର ୨୪ ଘଂଟା ମଧ୍ୟରେ ଚଢା ଇନଷ୍ଟାଗ୍ରାମରେ ପ୍ରାୟ ୧୦ ଲକ୍ଷ ଫଲୋଅର୍ସ ହରାଇଛନ୍ତି । ଶୁକ୍ରବାର ସୁଦ୍ଧା ତାଙ୍କର ୧୪.୬ ଲକ୍ଷ ଫଲୋଅର୍ସ ଥିଲେ, ଯାହା ଶନିବାର ଦିନ ୧ ଟା ସୁଦ୍ଧା ୧.୫ ଲକ୍ଷକୁ ହ୍ରାସ ପାଇଛି । ଗୁରୁବ (ଝଟ) ମୁଖପାତ୍ର ଅନିଶ ଗାଣ୍ଡାଣେ ଟ୍ୱିଟ୍ କରିଛନ୍ତି,'ସୋସିଆଲ୍ ମିଡିଆରେ 'ଅନପଲୋ' ଅଭିଯାନ ଯୋଗୁଁ ଚଢା ୧୦ ଲକ୍ଷ ଫଲୋଅର୍ସ ହରାଇଛନ୍ତି । ଇଂଟରନେଟ୍ ଆପଣଙ୍କୁ ରାତାରାତି ହିରୋ କରିପାରେ, କିନ୍ତୁ ଏହା ଆପଣଙ୍କୁ ଧୂଳିରେ ପରିଣତ ମଧ୍ୟ କରିପାରେ ।'

ଭାରତର ସୋଲାର ସେଲ୍ ଉପରେ ୧୨୩% ଶୁଳ୍କ ଲଗାଇଲା ଆମେରିକା

ନୂଆଦିଲ୍ଲୀ, ୨୫/୪(ନ୍ୟୁ.ଏ): ଭାରତର ସୋଲାର ସେଲ୍ ଓ ମଡ୍ୟୁଲ୍ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ୧୨୩.୦୪ ପ୍ରତିଶତର ପ୍ରାରମ୍ଭିକ ଆଣ୍ଟି ଡମ୍ପିଂ ଡ୍ୟୁଟି ବା ପ୍ରତିଷ୍ଠାପନକରଣ ଶୁଳ୍କ ଲଗାଇଛି । ମୁଦ୍ରା ସୋଲାର ଏନର୍ଜି, ମୁଦ୍ରା ସୋଲାର ପିଜି, କୋଷ୍ଟା ଏବଂ ପ୍ରିମିୟର ଏନର୍ଜିଜ୍ ଭଳି କମ୍ପାନିର ସାମଗ୍ରୀ ଯାଂଚ ସମୟରେ ଗୁରୁତ୍ୱପୂର୍ଣ୍ଣ ବିଷୟ ସାମନାକୁ ଆସିଛି ବୋଲି ଆମେରିକା ବାଣିଜ୍ୟ ବିଭାଗ କହିଛି । ରାତର ସୌର ଶକ୍ତି ସଂଘ ଆମେରିକାର ଏଭଳି ନିଷ୍ପତ୍ତିକୁ ବିରୋଧ କରିଛି । ନ୍ୟାସନାଲ ସୋଲାର ଏନର୍ଜି ଫେଡେରେସନ୍ ଅଫ୍ ଇଣ୍ଡିଆର ସିଇଓ ସୁଦ୍ରମଣ୍ୟମ ପୁଲିପକା କହିଛନ୍ତି ଯେ ତଦନ୍ତ ତ୍ରୁଟିପୂର୍ଣ୍ଣ ଏବଂ ଏଥିରେ ସେମାନି କୌଣସି ବଳିଷ୍ଠ ଯୁକ୍ତି ନାହିଁ । ଏହି ନିର୍ଦ୍ଦେଶକୁ ସଂଘ ପ୍ରତିବାଦ କରିବ ବୋଲି ସେ କହିଛନ୍ତି । ଦେଶିଜାତି ଲଣ୍ଡିଆନ୍ ସୋଲାର ମ୍ୟାନୁଫାକଚର୍ସ ଆସୋସିଏସନ୍‌ର ସେକ୍ରେଟାରୀ ଜେନେରାଲ ଅମିତ ମଲୋହର ଏଭଳି ନିଷ୍ପତ୍ତିକୁ ଚାଲେଞ୍ଜ କରାଯିବ ବୋଲି କହିଛନ୍ତି । ନୂଆ ଶୁଳ୍କ ଲାଗୁ ହେବା ଫଳରେ ଆମେରିକାରେ ଭାରତୀୟ ସୋଲାର ପ୍ୟାନେଲ ନିର୍ମାତାଙ୍କ ପାଇଁ ବ୍ୟବସାୟ କରିବା କଷକର ହୋଇପଡ଼ିବ । କାରଣ ନୂଆ ଶୁଳ୍କ ପୂର୍ବରୁ ଆମେରିକା ୧୨୫ ପ୍ରତିଶତ ଶୁଳ୍କ ଲଗାଇଛି ।

ନୂଆ ଦଳ ଗଢ଼ିଲେ ବାପାଙ୍କ ବିଆରଏସ୍‌ରୁ ନିଲମ୍ବନ ହୋଇଥିବା କେ କବିତା

ନୂଆଦିଲ୍ଲୀ, ୨୫/୪ (ଆ.ପ୍ର) : ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଓରଫ କେସିଆରଙ୍କ ବିରୋଧରେ ଗୋଟିଏ ନୂଆ ରାଜନୀତିକ ଦଳ ତିଆରି କରିଛନ୍ତି ଝିଅ କେ କବିତା । ଏକଦା ବାପାଙ୍କ କେସିଆରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ରାଜନୀତିକ ଦଳ ଭାରତୀୟ ରାଷ୍ଟ୍ର ସମିତି ବା ବିଆରଏସ୍‌ର ପ୍ରମୁଖ ରେହେତା ଥିଲେ । ପ୍ରାୟ ବର୍ଷକ ତଳେ ତାଙ୍କୁ ବିଆରଏସ୍‌ରୁ ନିଲମ୍ବନ କରାଯିବାରେ କେସିଆର । ଶନିବାର କେ କବିତା ନିଜସ୍ୱ ରାଜନୀତିକ ଦଳ ଗଠନ କରିଛନ୍ତି । ଏହାର ନାଁ ସେ ତେଲଙ୍ଗାନା ରାଷ୍ଟ୍ର ସେନା ବା ତିଆରଏସ୍ ରଖିଛନ୍ତି । ହାଇଦ୍ରାବାଦ ସ୍ଥିତ ନିଜ ବାସଭବନରେ ସେ ନୂଆ ଦଳର ନାଁ ଘୋଷଣା କରିଛନ୍ତି । କେ କବିତା ନୂଆ ଦଳ ଗଠନ କରିବେ ବୋଲି ଗତମାସରେ ହିଁ ଘୋଷଣା କରିଥିଲେ । ସେ ମାର୍ଚ୍ଚ ମାସରେ ସାପ୍ତାହିକ ସମ୍ମିଳନୀ କରି କହିଥିଲେ ଯେ ତାଙ୍କ ଦଳ ସମ୍ପତ୍ତିର ଉତ୍ଥାନ ଓ କଲ୍ୟାଣ ପାଇଁ ଛିଡ଼ା ହେବ । ସମାବେଶୀ ବିକାଶ ଓ ଆମ୍ବେଡକରୀ ହିଁ ଦଳର ନୀତି ରହିବ । ଦୃଶ୍ୟମାନ ସ୍ତରରେ ରହୁଥିବା ଲୋକଙ୍କ ପ୍ରସଙ୍ଗ ଉଠାଯିବ ଓ ରାଜନୀତିକ ଦୃଷ୍ଟାନ୍ତରୁ ଦୂରରେ ରହୁଥିବା ପ୍ରସଙ୍ଗକୁ ତାଙ୍କ ଦଳ ସାମ୍ନାକୁ ଆଣିବ ବୋଲି କେ କବିତା କହିଥିଲେ । କବିତା ନିୟମିତ ଭାବେ ନିଜ ବାପାଙ୍କ ଦଳ ବିଆରଏସ୍ ଓ କେନ୍ଦ୍ରରେ ଶାସକାସୀନ ବିଜେପିକୁ ସମାଲୋଚନା କରି ଆସୁଛନ୍ତି । ତେଲଙ୍ଗାନାରେ ବିଆରଏସ୍ ଓ ବିଜେପି ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଥିଲେ ହେଁ ପ୍ରଭାବଶାଳୀ ଢଙ୍ଗରେ ଲୋକଙ୍କ ଅଭିଯୋଗକୁ ଉଠାଇ ପାରୁ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

ଅଶୋକ କୁମାର ଲାହିରୀ ନୀତି ଆୟୋଗର ନୂତନ ଉପାଧ୍ୟକ୍ଷ

ନୂଆଦିଲ୍ଲୀ, ୨୫/୪(ନ୍ୟୁ.ଏ): ଅଶୋକ କୁମାର ଲାହିରୀଙ୍କୁ ନୀତି ଆୟୋଗର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି । ତାଙ୍କ ସହିତ ରାଜୀବ ଗୌବା, ପ୍ରଫେସର କେରି ରାଜୁ, ପ୍ରଫେସର ଗୋବର୍ଦ୍ଧନ ଦାସ, ଡକ୍ଟର ଏମ୍ ଶ୍ରୁତିବାସ ଏବଂ ପ୍ରଫେସର ଅରୟ କରଣ୍ଡିକର ମଧ୍ୟ ଏହି କମିଶନର ପୂର୍ଣ୍ଣକାଳୀନ ସଦସ୍ୟ ଅଛନ୍ତି । ଏହି ନିଯୁକ୍ତି ପରେ, ଅଶୋକ ଲାହିରୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତି ଆୟୋଗର ନୂତନ ଉପାଧ୍ୟକ୍ଷ ଅଶୋକ କୁମାର ଲାହିରୀ ଏବଂ ଗୋବର୍ଦ୍ଧନ ଦାସଙ୍କୁ ଏବଂ ପୂର୍ଣ୍ଣକାଳୀନ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶୁକ୍ରବାର ସରକାର ଲାହିରୀଙ୍କୁ ନୀତି ଆୟୋଗର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରିଛନ୍ତି । ବେଙ୍ଗାଳିକ ଗୋବର୍ଦ୍ଧନ ଦାସଙ୍କୁ ମଧ୍ୟ କମିଶନର ସଦସ୍ୟ ଭାବରେ ନିଯୁକ୍ତ କରାଯାଇଛି । ପ୍ରଧାନମନ୍ତ୍ରୀ ମିଳେ ନୀତି ଆୟୋଗର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି, ଯାହା ନୀତି ନିର୍ଦ୍ଧାରଣ ପାଇଁ ଏହି ନିଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସାକ୍ଷାତ ପରେ, ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଥିଲେ ଲାହିରୀ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ହେଉଛି ୨୦୪୭ ସୁଦ୍ଧା ଭାରତକୁ 'ବିକଶିତ ଭାରତ' କରିବା, ଏବଂ ଏହି ଲକ୍ଷ୍ୟ ଆସଲ କରିବା ପାଇଁ ପୋସ୍ଟ ଏବଂ ପ୍ରଭାବଶାଳୀ ନୀତି ପ୍ରଣୟନ କରାଯିବା ଆବଶ୍ୟକ । ଲାହିରୀ ତାଙ୍କ ନିଯୁକ୍ତିକୁ ପଶ୍ଚିମବଙ୍ଗର ଦୀର୍ଘକାଳୀନ ଶିକ୍ଷା ନୀତିକୁ ଶ୍ରେୟ ଦେଇ କହିଛନ୍ତି ଯେ ରାଜ୍ୟର ଶିକ୍ଷାଗତ ଐତିହ୍ୟ ତାଙ୍କ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେ ଏହାକୁ ପଶ୍ଚିମବଙ୍ଗ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ । ତଥାପି, ସେ ରାଜ୍ୟର ବର୍ତ୍ତମାନର ପରିସ୍ଥିତି ବିଷୟରେ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ । ତାଙ୍କର କହିବା ଅନୁସାରେ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଅପେକ୍ଷାକୃତ ବିକଶିତ ରାଜ୍ୟ ଦ୍ରୁତଗତିରେ ପଶ୍ଚିମବଙ୍ଗ ପଛରେ ରହିଛି । ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଥିଲେ । କହିଥିଲେ ଯେ, ସେ ରାଜ୍ୟରେ ପରିବର୍ତ୍ତନ ଓ ବିକାଶର ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ତାକୁ ପୂରା କରିପାରିଲେନି । ଏବେ ଦେଖିବାର ଅଛି ଆଗାମୀ ସମୟରେ ପଶ୍ଚିମ ବଙ୍ଗଳାରେ କେ ?ଶମି ବାସ୍ତବିକ ଭାବରେ ପରିବର୍ତ୍ତନ ହେଉଛି କିମ୍ବା ହେଉନି । ଲାହିରୀ ବର୍ତ୍ତମାନ ପଶ୍ଚିମବଙ୍ଗର ବିଜେପି ବିଧାୟକ ଏବଂ ଦେଶର ସବୁଠାରୁ ବରିଷ୍ଠ ଅର୍ଥନୀତିଜ୍ଞଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଚାରି ଦଶନ୍ଧିରୁ ଅଧିକ ସମୟ ଧରି କ୍ୟାରିଅର ରହିଛି, ସେ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏବଂ ସଂଚରଣ ଅର୍ଥ କମିଶନର ସଦସ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି । ଅଶୋକ କୁମାର ଲାହିରୀଙ୍କୁ ଗୋବିନ୍ଦ ପରେ ପ୍ରଧାନମନ୍ତ୍ରୀ ମୋଦୀ ଜନଷ୍ଟାଗ୍ରାମରେ ମଧ୍ୟ ପୋ